ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.152 Bhubaneswar Saturday, July 31, 2021 | ୨୪ତମ ବର୍ଷ ସଂଖ୍ୟା–୧୫୨ ଭୁବନେଶ୍ୱର, ଶନିବାର, ଜୁଲାଇ ୩୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ଉପରାଷ୍ଟ୍ରପତି ଏମ ଭେଙ୍କୟା ନାଇଡୁ ହାଇଦ୍ରାବାଦର ଭାରତ ବାୟୋଟେକ ସୁବିଧା ପରିଦର୍ଶନ ଉପରେ ଆଲୋଚନା କରୁଛନ୍ତି

## ଗୋଟିଏ ଦିନରେ ୧୫୫୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦ ।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୫୫୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୫୬୯୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୫୩୦୮୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୬୭୧୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୫୫୮ ଜଣଙ୍କ ମଧ୍ୟରୁ ୯୦୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୭୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯୭ ଜଣ, ବରଗଡ଼ରୁ ୬ ଜଣ, ଭଦ୍ରକରୁ ୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୨୪୧, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୩ ଜଣ, ଗଜପତି ଜିଲ୍ଲାରୁ ୨, ଗଞ୍ଜାମରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୭ ଜଣ, ଯାଜପୁରରୁ ୭୮ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡିରୁ ୮ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ. କେନ୍ଦ୍ରାପଡ଼ାରୁ ୩୫ ଜଣ, କେନ୍ଦୁଝରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୭୯ଜଣ, କୋରାପୁଟରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୧ ଜଣ, ନବରଙ୍ଗପୁରରୁ ୧୩ ଜଣ, ନୟାଗଡ଼ରୁ ୨୫ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୮୨ ଜଣ, ରାୟଗଡ଼ାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪ ଜଣ, ସୋନପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୨୮ ଜଣ ଓ ଷ୍ଟେଟ୍ ପୁଲରୁ ୧୦୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ : କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର,୩୦ ।୭(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି । ଏଥିରେ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସ୍କୁଲର ୩୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଜ୍ଞାନରେ ସ୍କୁଲର ଛାତ୍ର ଯଶୋବର୍ଦ୍ଧନ ନାଏକ ସର୍ବାଧିକ ୯୮ ପ୍ରତିଶତ ନମ୍ବର ହାସଲ କରିଥିବା ବେଳେ ବାଣିଜ୍ୟରେ ବେଦିକା ନରସରିଆ ସର୍ବାଧିକ ୯୮ ପ୍ରତିଶତ ନମ୍ବର ଓ ହ୍ୟୁମାନିଟିଜରେ ରଚିତା ପ୍ରିୟଦର୍ଶିନୀ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖିଛନ୍ତି । ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍କୁଲର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୫ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି । ଏଥିପାଇଁ ସେ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ସଫଳତା ହାସଲ କରିଆସୁଛନ୍ତି ।


YASHOVARDHAN


VEDIKA


RACHITA

## ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ: ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନଙ୍କ ପ୍ରାଇଭେଟ୍ ସେକ୍ରେଟାରିଙ୍କ ବାସଭବନ ସମେତ ଛଅଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର, ୩୦ ।୭(ପି.ଏନ): ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନଙ୍କ ପ୍ରାଇଭେଟ୍ ସେକ୍ରେଟାରି ବିରଂଚି ନାରାୟଣ ସାହୁଙ୍କ ରାଜଧାନୀର ନିଳାଦ୍ରୀ ବିହାର ସ୍ଥିତ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରା ଯାଇଛି । କଟକ ଓ ଭୁବନେଶ୍ୱରର ଛଅଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ ଜାରି ରହିଛି । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଏହି ଚଢ଼ଉ କରାଯାଉଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ । ମିଳିଥିବା ସୂଚନା ଅନୁସାରେ ଶ୍ରୀ ସାହୁଙ୍କ ନାମରେ ଦୁଇଟି ଦୁଇମହଲା କୋଠା ଓ ୯ଟି ପ୍ଲଟ୍ ଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ଶ୍ରୀ ସାହୁଙ୍କ ଘରୁ ମଧ୍ୟ ବିପୁଳ ନଗଦ ଟଙ୍କା ମଧ୍ୟ ଉଦ୍ଧାର କରାଯାଇଥିଛି । ଏହି ଅର୍ଥର ଗଣନା ଏବଂ ପରବର୍ତୀ ସନ୍ଧାନ ଚାଲିଛି । ଏହି ଚଢ଼ଉରେ ୪ ଜଣ ଡିଏସପି, ୧୩ ଜଣ ଇନସ୍ପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ତିନିଟି ଦଳ ସାମିଲ୍ ହୋଇଥିବାର ସୂଚନା ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ : ୬୩,୩୦୩ ପ୍ରାଥମିକ ଶିକ୍ଷକ ପାଇବେ ପଦୋନ୍ନତି

ଭୁବନେଶ୍ୱର, ୩୦ ।୭(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡିକର ଶିକ୍ଷକ ମାନଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ରେସିଡେନ୍ସି ପିରିଅଡକୁ କମ୍ କରାଯାଇଛି । ଏହାଦ୍ୱାରା ରାଜ୍ୟର ୬୩,୩୦୩ ଜଣ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇପାରିବେ । ତା ସହିତ ଉଚ୍ଚପ୍ରାଥମିକ ସ୍ତରରେ ବିଭିନ୍ନ ବିଷୟ ପାଇଁ ଶିକ୍ଷକ ପଦବୀ ପୂରଣ ହେବ ଏବଂ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ପ୍ରଧାନ ଶିକ୍ଷକ ପଦବୀ ଗୁଡିକ ମଧ୍ୟ ପୂରଣ ହୋଇପାରିବ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସ୍ତରରେ ଶିକ୍ଷକ ଅଭାବ ପୂରଣ ହେବା ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଗୁଡିକର ପରିଚାଳନାରେ ଉନ୍ନତି ଆସିବା ସହିତ ଶୈକ୍ଷକ ପରିବେଶରେ ମଧ୍ୟ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ୫(ଏ) ସ୍ତରରେ ଥିବା ୨୯,୭୫୯ ଜଣ ସହକାରୀ ଶିକ୍ଷକ ୫(ବି) ସ୍ତରକୁ ପଦୋନ୍ନତି ପାଇବେ ଏବଂ ୫(ବି) ସ୍ତରରେ ଥିବା ୨୯,୭୫୯ ଜଣ ବରିଷ୍ଠ ଶିକ୍ଷକ ତୁରନ୍ତ ଲେଭେଲ-୪ କୁ ପଦୋନ୍ନତି ପାଇବେ । ଏହାସହିତ ଲେଭେଲ ଠରେ ଥିବା ୩୭୮୫ ଜଣ ପ୍ରଧାନ ଶିକ୍ଷକ ସେପଟ୍ମ୍ବର ମାସ ସୁଦ୍ଧା ଲେଭେଲ-୩ କୁ ପଦୋନ୍ନତି ପାଇବେ । ଲେଭେଲ ୫(ବି) ରେ ଥିବା ସହକାରୀ ଶିକ୍ଷକ ମାନଙ୍କ ପାଇଁ ରେସିଡେସନ୍ସି ପିରିଅଡକୁ ଏକ ବର୍ଷରୁ ୬ ମାସ କରାଯାଇଥିବା ବେଳେ, ଲେଭେଲ-୪ ରୁ ଲେଭେଲ-୩ କୁ ପଦୋନ୍ନତି ପାଇବା ପାଇଁ ରେସିଡ଼େନ୍ସି ପିରିଅଡର ସୀମା ୨ ବର୍ଷରୁ ୧ ବର୍ଷ କରାଯାଇଛି ।ସୂଚନାଯୋଗ୍ୟ ଯେ ୨୦୧୯ରେ ପ୍ରାଥମିକ ଶିକ୍ଷକ ମାନଙ୍କ କ୍ୟାଡରର ପୁନର୍ଗଠନ କରାଯାଇ ଲେଭେଲ-୪ ରେ ୨୧,୪୬୩ ଶିକ୍ଷକ ପଦବୀ ସ୍ଥାନରେ ୫୧,୧୬୪ ଟି ପଦବୀ ସୃଷ୍ଟି କରାଯାଇଥିଲା ଏବଂ ଲେଭେଲ-୩ ରେ ଥିବା ୯୩୦୫ ଟି ପଦବୀ ସ୍ଥାନରେ ୧୮,୬୬୯ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଥିଲା ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପଦୋନ୍ନତି ପାଇବାକୁ ଯାଉଥିବା ସବୁ ଶିକ୍ଷକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମର ସଫଳତା ରେ ସମସ୍ତ ଙ୍କ ସହଯୋଗ କାମନା କରିଛନ୍ତି ।

## ଆଜି ରାଜ୍ୟରେ ୨୨୦୪ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର, ୩୦ ।୭(ପି.ଏନ): ଆଜି ରାଜ୍ୟରେ ୧୮୪୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୯,୫୪,୯୨୯ରେ ପହଂଚିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି ।ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୪୭୬, କଟକ ଜିଲ୍ଲାରୁ ୨୯୮ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲାରୁ ୧୧୮, ବାଲେଶ୍ୱରରୁ ୧୧୧, ଜଗତସିଂହପୁର ଜିଲ୍ଲାରୁ ୯୭, ଅନୁଗୁଳ ଏବଂ ପୁରୀରୁ ୭୯, ନୟାଗଡ଼ରୁ ୭୬, କେନ୍ଦ୍ରାପଡ଼ାରୁ ୭୧, ମୟୂରଭଞ୍ଜରୁ ୬୬, ଢେଙ୍କାନାଳରୁ ୫୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି କେନ୍ଦୁଝରରୁ ୪୬, ବରଗଡ଼ ଏବଂ ସୁନ୍ଦରଗଡ଼ରୁ ୨୭ ଲେଖାଏଁ, ସମ୍ବଲପୁରରୁ ୧୫, ଭଦ୍ରକରୁ ୧୩, ଗଜପତି ଏବଂ ସୋନପୁରରୁ ୧୧ ଜଣ ଲେଖାଏଁ, ମାଲକାନଗିରିରୁ ୧୦, ଗଞ୍ଜାମ ଏବଂ ନୂଆପଡ଼ାରୁ ୫ଜଣ ଲେଖାଏଁ, ଝାରସୁଗୁଡ଼ା ଏବଂ ନବରଙ୍ଗପୁରରୁ ୪ ଜଣ ଲେଖାଏଁ, ବୌଦ୍ଧରୁ ୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଷ୍ଟେଟ୍‌ପୁଲ୍‌ରୁ ୧୦୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି ।

## ଜାତୀୟ ଶିକ୍ଷା ନୀତିର ନୂତନ ପଦକ୍ଷେପକୁ ସୋଆର ସ୍ୱାଗତ



ଭୁବନେଶ୍ୱର,୩୦ ।୭(ପି.ଏନ) : ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ବ୍ୟାପକତା, ଦକ୍ଷତା ନିର୍ମାଣ ଏବଂ ଶିକ୍ଷାର ଦୃଶ୍ୟପଟ୍ଟରେ ପରିବର୍ତନ ଆଣିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ନୀତିରେ ଅଣାଯାଇଥିବା ସଂସ୍କାରର ଏକ ବର୍ଷ ପୂର୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅନେକ ପଦକ୍ଷେପର ଶୁଭାରମ୍ଭ କରିଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି । ଏହି ଅବସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନ୍ୟାସ୍‌ନାଲ୍ ଡିଜିଟାଲ୍ ଏଜୁକେସନ୍ ଆର୍କିଟେକ୍ଚର ଓ ନ୍ୟାସ୍‌ନାଲ ଏଜୁକେସନ୍ ଟେକ୍ନୋଲୋଜି ଫୋରମ୍‌ର ଶୁଭାରମ୍ଭ କରିଥିବା ବେଳେ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାକୁ ଏହା ଦୃଢ଼ୀଭୁତ କରିବ ଏବଂ ଛାତ୍ରଛାତ୍ରୀଙ୍କ ନିମନ୍ତେ ସହାୟକ ହେବ ବୋଲି ସୋଆ କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଭିଡ଼ିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ପ୍ରଫେସର ମହାପାତ୍ର କହିଥିଲେ ଯେ ଜାତୀୟ ଶିକ୍ଷାନୀତିର ନୂତନ ପଦକ୍ଷେପ ଗୁଡ଼ିକ ସହିତ ଖାପ ଖୁଆଇ ସୋଆ ପକ୍ଷରୁ ବିଭିନ୍ନ ଅନ୍‌ଲାଇନ୍ ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।ବିଶେଷ ଭାବେ କୋଭିଡ ମହାମାରୀ ଯୋଗୁଁ କ୍ଲାସ୍‌ରୁମ୍ ଶିକ୍ଷା ପ୍ରଦାନ ବାଧାପ୍ରାପ୍ତ ହୋଇଥିବା ବେଳେ ଏହି ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାକୁ ପ୍ରଚଳନ କରାଯାଇଛି । ସୋଆରେ ସ୍ୱୟମ୍ ଓ ମୋଡୁଲ୍ ପ୍ଲାଟ୍‌ଫର୍ମ ବ୍ୟବହାର କରାଯାଇ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ । ଏହି ପ୍ଲାଟଫର୍ମ ଜରିଆରେ ଭିଡ଼ିଓ ଅପ୍‌ଲୋଡ଼ କରାଯାଇ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯାଉଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏକାଡ୍ରେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍ ବ୍ୟବସ୍ଥାକୁ ସ୍ୱାଗତ କରି ସୋଆ ଛାତ୍ରଛାତ୍ରୀମାନେ ଏହି ସୁବିଧାର ବିନିଯୋଗ କରିବେ ବୋଲି ସେ ପ୍ରକାଶ କରିଥିଲେ । ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଥିବା ୟୁନିଭର୍ସାଲ୍ ହ୍ୟୁମାନ ଭାଲ୍ୟୁ ସିଷ୍ଟମ୍, ହୋଲିଷ୍ଟିକ୍ ଡେଭଲପ୍‌ମେଂଟ ଓ ଯୋଗକୁ ସୋଆରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ମଧ୍ୟ ସେ କହିଥିଲେ । ଗତ କିଛି ବର୍ଷ ହେବ ଅନେକ ବିଦେଶୀ ଛାତ୍ରଛାତ୍ରୀ ସୋଆରେ ପାଠ ପଢ଼ିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି କୁଳପତି ପ୍ରକାଶ କରିଥିଲେ ।ପ୍ରଧାନମନ୍ତ୍ରୀଙ୍କ ଭିଡ଼ିଓ କନ୍‌ଫରେନ୍‌ସିଂ କାର୍ଯ୍ୟକ୍ରମରେ କୁଳପତିଙ୍କ ବ୍ୟତୀତ ପ୍ରୋ-ଭାଇସ୍ ଚାନ୍‌ସେଲର ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଡିସ୍‌ନାଲ୍ ଡିନ୍ (ରିସର୍ଚ୍ଚ) ପ୍ରଫେସର ପ୍ରିୟବ୍ରତ ପଟ୍ଟନାୟକ ଓ ଅନ୍‌ଲାଇନ୍ କୋଅର୍ଡିନେଟର ଆସିଷ୍ଟାଂଟ ପ୍ରଫେସର ଅନିଶ ୟୁନୁଭା ଯୋଗ ଦେଇଥିଲେ ।

## ବୈପାରୀଗୁଡାରେ ପ୍ଲାଷ୍ଟିକ ଚାଉଳ ମିଳୁଥିବା ଅଭିଯୋଗ

ଜୟପୁର , ୩୦ ।୭(ପି.ଏନ): ରାସନ କାର୍ଡ଼ରେ ପ୍ଲାଷ୍ଟିକ ଚାଉଳ ପ୍ରଦାନ କରାଯାଉଥିବା ଅଭିଯୋଗ ଆଣିଛନ୍ତି ଗାଁ ଲୋକେ । ଏହିପରି ଘିଟଣା ଟି ଆଜି ଅପରାହ୍ନରେ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ମାଠପୋଡା ପଂଚାୟତ ଅନ୍ତର୍ଗତ ଧଳପୁର ଗାଁ ରେ ଦେଖିବାକୁ ମିଳିଛି କ୍ଷ କରୋନା ମହାମାରୀ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗରିବ ହିତାଧିକାରିଙ୍କୁ ୨ ମାସର ଚାଉଳ ପ୍ରଦାନ କରାଯାଉଛି । ହେଲେ ମକ୍ଷଠପଡା ପଂଚାୟତ ଅନ୍ତର୍ଗତ ଧଳପୁର ଗ୍ରାମର ରାସନ କାଡ୍ ଧାରୀ ମାନେ କିଛି ଦିନ ତଳେ ମୁଣ୍ଡ ପିଛା ୫କେଜି ଲେଖାଏଁ ଚାଉଳ ନେଇଥିଲେ । ସେଥିମଧ୍ୟରୁ କିଛି କାଡ୍ ଧାରୀଙ୍କ ଚାଉଳ ରୋଷେଇ କଲା ବେଳେ ଚାଉଳ ଉପରକୁ ଭାସିବା ଦେଖି ଆର୍ଶ୍ଚର୍ଯ୍ୟ ହୋଇଯାଇଥିଲେ ।କିଛି ଚାଉଳକୁ ନିଆଁରେ ପକାଇବାରୁ ପ୍ଲାଷ୍ଟିକ ଭଳି ମୋଉଳି ଯିବା ଦେଖି ଏହା ପ୍ଲାଷ୍ଟିକ ଚାଉଳ ବୋଲି ଲୋକେ ଜାଣିବାକୁ ପାଇଥିଲେ । ସ୍ଥାନୀୟ ସରପଂଚଙ୍କୁ ଏହି ଘଟଣା ବିଷୟରେ ଜଣାଇବା ପରେ ସରପଂଚ ଉକ୍ତ ଗାଁ କୁ ଆସି ଚାଉଳ ଦେଖିଥିବା ଜଣା ପଡିଛି । ସେହିପରି ଧଳପୁର ଗାଁ ସହ ଆଖ ପାଖ ଗାଁ ସହ ଦୋରାଗୁଡା ପଂଚାୟତରେ ମଧ ଅନୁରୂପ ଅଭିଯୋଗ ଆସିଛି । ଅନ୍ୟପଟେ ସ୍ଥାନୀୟ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକକ୍ଷଶ କରିଥିବା ବେଳେ ପିଡ଼ିଏସ କେନ୍ଦ୍ରରେ ଦେଉଥିବା ମାହାଳିଆ ଚାଉଳ ସତରେ କଣ ପ୍ଲାଷ୍ଟିକ ତିଆରି ନା ଆଉ କିଛି ତାହା ତଦନ୍ତ କରିବା ଅତ୍ୟନ୍ତ ଜରୁରୀ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

MAHARISHI PUBLIC SCHOOL

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଜୁଲାଇ ୩୧

## ଘରୋଇ ଡାକ୍ତରଖାନା ବନ୍ଦ ହେଲେ ଭଲ

ରୋଗ ବ୍ୟାଧିରେ ମଣିଷ ପଡିଗଲେ ଅସହାୟ ହୋଇଯାଏ । ସେହି ସମୟରେ ଯେତେ ଧନବାନ ହେଲେ ବି ବୁଦ୍ଧିଶୁନ୍ୟ ହୋଇ ନିଜର ହିତାହିତ ଜ୍ଞାନ ହରାଇ ବସେ । ସେତେବେଳେ ଜୀବନ ପ୍ରତି ଥିବା ମମତାକୁ ଭୁଲି ନ ପାରି ବଂଚିବାର ଆଶାଟିକକୁ ଜାବୁଡି ଧରି କୁଟା ଖିଅକୁ ଆଶ୍ରା ଭଳି ଯେ ଯାହା ପରାମର୍ଶ ଦିଏ, ମଣିଷ ସେସବୁକୁ ମୁଣ୍ଡ ପାତି ଗ୍ରହଣ କରିଯାଏ । ରୋଗ ଶଯ୍ୟାରେ ରୋଗୀ ଡାକ୍ତରକୁ ତାର ଭଗବାନ ବୋଲି ଭାବି ନେଇଥାଏ । ଡାକ୍ତରର ପ୍ରତ୍ୟେକଟି କଥାକୁ ପାଦୁକ ଭଳି ପାନ କରିଯାଏ । ରୋଗୀର ସେହି ଦୁର୍ବଳତାକୁ ବେଳେ ବେଳେ କେତେକ ଅର୍ଥପିପାଶୁ ଡାକ୍ତର ସୁଯୋଗ ଭାବି ଶୋଷଣ କରିବାକୁ ପଛାଇ ନ ଥାନ୍ତି । ଆମ ଦେଶରେ ଜନସଂଖ୍ୟା ତୁଳନାରେ ଡାକ୍ତରଖାନା ଓ ଡାକ୍ତର ସଂଖ୍ୟା ଆବଶ୍ୟକଠାରୁ ବହୁତ କମ ଥିବାରୁ ଘରୋଇ ଡାକ୍ତରଖାନା ଓ କ୍ଲିନିକ ଉପରେ ଲୋକ ଭରଷା କରିଥାନ୍ତି । ଦେଶରେ ପ୍ରତି ଦଶ ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର ଥିବା ବେଳେ ପ୍ରାୟ ନବେ ହଜାର ଲୋକ ପାଇଁ ଗୋଟିଏ ଡାକ୍ତରଖାନା ରହିଛି । ବିଶେଷକରି ଆମ ରାଜ୍ୟରେ ଜନ ସଂଖ୍ୟା ତୁଳନାରେ ଡାକ୍ତର ସଂଖ୍ୟା କମଥିବାରୁ ଡାକ୍ତରମାନେ ଘରୋଇ ଚିକିତ୍ସା ଉପରେ ବିଶେଷ ସମୟ ଦେଇଥାନ୍ତି । ସରକାରୀ ଡାକ୍ତରଖାନାମାନଙ୍କରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବା ବେଳେ ଯେଉଁ କେତେ ଜଣ ଡାକ୍ତର ରହି ଡାକ୍ତରଖାନାକୁ ସମ୍ଭାଳିବା କଥା ସେ ପ୍ରକାର ଉତ୍ସାହ ଡାକ୍ତରମାନଙ୍କଠାରେ ଦେଖିବାକୁ ମିଳେ ନାହିଁ । ଏହାର ପ୍ରମୁଖ କାରଣ ହେଉଛି, ସରକାରୀ ଡାକ୍ତରମାନଙ୍କର ଘରୋଇ ଚିକିତ୍ସା ପ୍ରତି ଥିବା ଦୁର୍ବଳତା ସେମାନଙ୍କୁ କ୍ଲିନିକ ମୁହାଁ କରିଥାଏ, ଫଳରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଚିକିତ୍ସା କରିବାରେ ମଧ୍ୟ ସେମାନଙ୍କର ଉତ୍ସାହ ଦେଖିବାକୁ ମିଳେ ନାହିଁ । ଡାକ୍ତରଖାନାରେ ଜଣେ ଡାକ୍ତର ନିଜର କାମକୁ ସାରି ତରବରରେ ଯାଇ ନିଜ କ୍ଲିନିକରେ ବସିଯାଉଛନ୍ତି ଓ ସେଠାରେ ଦୈନିକ ଶହସ୍ରାଧିକ ରୋଗୀ ଦେଖୁଥିବା ଦେଖାଯାଉଛି । ଏ ସବୁବାଦ ପ୍ରତ୍ୟେକ ସହର ଓ ଜିଲ୍ଲା ମହକୁମା ମାନଙ୍କରେ ଘରୋଇ ନର୍ସିଂ ହୋମ ବା ଡାକ୍ତରଖାନା ଖୋଲାଯାଇ ଥିବାରୁ ସେଠାରେ ମଧ୍ୟ ରୋଗୀ ଚିକିତ୍ସା ପାଇଁ ଡାକ୍ତରମାନେ ସେଠାକୁ ଯାଇଥାନ୍ତି । କେତେକ ନାମୀ ଘରୋଇ ଡାକ୍ତରଖାନା ମାନଙ୍କରେ ଡାକ୍ତର ନିଜସ୍ୱ ରଖି ସେବା ଯୋଗାଉଥିବା ବେଳେ ନିଜର ସମସ୍ତ ବ୍ୟବସ୍ଥା ଓ ରାଜକୀୟ ସେବା ନାମରେ ରୋଗୀଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଉଥିବା ଦେଖାଯାଏ । ରୋଗୀସେବାକୁ ଘରୋଇ ଡାକ୍ତରଖାନାରେ ସେବା ଭାବରେ ଗ୍ରହଣ ନ କରି ବ୍ୟବସାୟିକ ମନବୃତିରେ ନେଇ ରୋଗୀ ମାନଙ୍କର ଚିକିତ୍ସା କରାଯାଉଥିବାରୁ, ରୋଗୀର ଆବଶ୍ୟକ ନ ଥିବା ବା ରୋଗର ଏକ ସର୍ବନିମ୍ନ ଖର୍ଚ୍ଚରେ ସଠିକ ଚିକିତ୍ସା ହେଉ ନଥିବା ଦେଖାଯାଉଛି । ରୋଗୀସେବାକୁ ସେବା ରୂପରେ ଗ୍ରହଣ ନ କରି ଘରୋଇ ଡାକ୍ତରଖାନାଗୁଡିକ ଲାଭଖୋର ବ୍ୟବସାୟ ପ୍ରତିଷ୍ଠାନ ଭଳି କାମ କରୁଛନ୍ତି । ଫଳରେ ରୋଗୀମାନେ ଘରୋଇ ଡାକ୍ତରଖାନାଗୁଡିକରେ ନାହିଁ ନ ଥିବା ଶୋଷଣର ଶୀକାର ହେଉଛନ୍ତି । ଘରୋଇ ଡାକ୍ତରଖାନାମାନଙ୍କପ୍ରତି ସରକାରଙ୍କର ସେଭଳି କୌଣସି ଅଙ୍କୁଶ ରହୁ ନ ଥିବାରୁ ସେମାନେ ମନ ଇଚ୍ଛା ଦାମ କଷି ନେଉଥିବା ବେଳେ ରୋଗୀର ବା କଣ ଚିକିତ୍ସା ସମ୍ବନ୍ଧିୟ ଜ୍ଞାନ ରହିଛି ଯେ ଡାକ୍ତରଙ୍କୁ ବିରୋଧ କରିବ ବା ଅନାବଶ୍ୟକ ଚିକିତ୍ସାର ଶୀକାର ହୋଇ ଶୋଷଣ ହେଉଛି ବୋଲି ଡାକ୍ତରଙ୍କୁ ମୁହଁ ଖୋଲି ପ୍ରକାଶ କରିବ । ଯେହେତୁ ସେ ଡାକ୍ତରଙ୍କୁ ତାର ଭଗବାନ ବୋଲି ମାନି ନେଇଛି, ଡାକ୍ତର ଉପରେ ବିଶ୍ୱାସ ବଂଚିରେଳ ରୋଗୀର ଆଉ କୌଣସି ରାହା ନାହିଁ । ବହୁ ଘରୋଇ ଡାକ୍ତରଖାନା ବିଭିନ୍ନ ଅନାବଶ୍ୟକ ପାଥୋଲଜି ଟେଷ୍ଟ ସହ କେତେକ ବ୍ୟୟ ବହୁଳ ପରୀକ୍ଷା କରି ଆବଶ୍ୟକ ପଡୁ ନ ଥିବା ଅସ୍ତ୍ରୋପଚାର କରାଇ ଅଯଥା ଖର୍ଚ୍ଚ ବଢାଉଥିବା ମଧ୍ୟ ଅଭିଯୋଗ ହେଉଥିବା ଦେଖାଯାଉଛି । ନିକଟରେ ଘରୋଇ ଡାକ୍ତରଖାନାମାନଙ୍କରେ ହେଉଥିବା ରୋଗୀମାନଙ୍କୁ ଶୋଷଣକୁ ଗୁରୁତର ଭାବେ ବିଚାର କରି ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାକୁ ବିଚାରକୁ ନେଇ ଘରୋଇ ଡାକ୍ତରଖାନା ସବୁକୁ ବନ୍ଦ କରି ଦିଆଗଲେ ଭଲ ବୋଲି ମତ ରଖିଥିଲେ । ଘରୋଇ ଡାକ୍ତରଖାନାଗୁଡିକ ଯେତେବେଳେ ଖୋଲିବାକୁ ଯାଉଛନ୍ତି ରୋଗୀସେବା ନେଇ ବିଭିନ୍ନ ପ୍ରକାର ଲୋଭନୀୟ ଓ ଆକର୍ଷଣୀୟ ପ୍ରସ୍ତାବମାନ ସରକାରଙ୍କଠାରେ ଉପସ୍ଥାପିତ କରି ସମସ୍ତ ସାହାଯ୍ୟ ସହଯୋଗ ନେଇ ଯାଉଛନ୍ତି, ସରକାର ମଧ୍ୟ ସେମାନଙ୍କ କଥାରେ ସମସ୍ତ ବ୍ୟବସ୍ଥା ସହ କାର୍ଯ୍ୟାରମ୍ଭର ଅନୁମତି ଦେଇ ଦେଉଛନ୍ତି, ପରବର୍ତ୍ତି ମୁମୁର୍ତରେ ଘରୋଇ ଡାକ୍ତରଖାନା ଗୁଡିକ ରୋଗୀମାନଙ୍କୁ ଉତମ ସେବା ଆଳରେ ଶୋଷଣ କରିଚାଲୁଥିବା ଜଣାଯାଉଛି । ଡାକ୍ତରଖାନାଗୁଡିକ ନିଜକୁ ବ୍ୟବସାୟୀକ ସଂସ୍ଥା ଭାବରେ ବିଚାର କରି ରୋଗୀ ସେବାକୁ ଅଗ୍ରାଧିକାର ନ ଦେଇ ସେମାନଙ୍କୁ ଶୋଷଣ କରୁଥିବା ଏକ ନିତି ଦିନିଆ ଘଟଣା ହୋଇ ଗଲାଣି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତକୁ ଆଧାର କରି ଦେଶ ଯଦି ସରକାରୀ ଡାକ୍ତରଖାନାଗୁଡିକର ଉନ୍ନତିକରଣ କରି ରୋଗୀମାନଙ୍କୁ ଉତମ ସେବା ଯୋଗାଇବାର ବ୍ୟବସ୍ଥା କରନ୍ତେ, ତେବେ ଦେଶରେ ସ୍ୱାସ୍ଥ୍ୟ ସେବାରେ ସରକାର କରୁଥିବା ପ୍ରତିବର୍ଷ ଖର୍ଚ୍ଚର ଉପଯୁକ୍ତ ଲାଭ ଦେଶବାସୀ ପାଇ ପାରନ୍ତେ । ଦେଶରେ ଥିବା ସମସ୍ତ ସରକାରୀ ଡାକ୍ତରଖାନାଗୁଡିକ ପ୍ରତି ଆଜି ବି ଜନ ସାଧାରଣଙ୍କ ବିଶ୍ୱାସ ରହିଛି । କିନ୍ତୁ କିଛି ଅର୍ଥପିପାଶୁଙ୍କ ଭୁଲ କାର୍ଯ୍ୟଧାରା ଯୋଗୁଁ ସରକାରୀ ଡାକ୍ତରଖାନାଗୁଡିକ ଲୋକମାନଙ୍କ ଆସ୍ଥା ହରାଇବାକୁ ବାଧ୍ୟ ହେଉଛନ୍ତି । ଆଜି ଦେଶର ଲୋକସଂଖ୍ୟାର ୫୦ କୋଟି ଲୋକ ଦାରିଦ୍ର୍ୟ ସିମା ରେଖା ତଳେ ରହି ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ଯୋଡି ହୋଇଥିବା ବେଳେ ଦେଶରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଛନ୍ତି । ବର୍ତମାନ ଦେଶରେ ସ୍ୱାସ୍ଥ୍ୟସେବା ଯେଭଳିଭାବେ ବ୍ୟୟବହୁଳ ହୋଇଯାଇଛି, ସରକାର ଆୟୁଷ୍ମାନ ଯୋଜନା କରି ଏହାକୁ ମୁକାବିଲା କରି ପାରିବା ଭଳି ପ୍ରତୀୟମାନ ହେଉ ନାହିଁ । ଦେଶରେ କରୋନା ମହାମାରୀ ପ୍ରତ୍ୟେକ ଲୋକର ମେରୁଦଣ୍ଡକୁ ଭାଙ୍ଗି ଦେଇଥିବା ବେଳେ ଘରୋଇ ଡାକ୍ତରଖାନାଗୁଡିକ ସାମାନ୍ୟତମ ସ୍ୱାସ୍ଥ୍ୟସେବା ଜନତାଙ୍କୁ ଯୋଗାଇବାରେ ବ୍ୟର୍ଥ ହୋଇଛନ୍ତି । ଘରୋଇ ଡାକ୍ତରଖାନା କରୋନା ପୀଡିତମାନଙ୍କୁ ଯେଭଳି ଭାବେ ବିଭିନ୍ନ ଚିକିତ୍ସା ଆଳରେ ଠକି ଲୋଟି ଚାଲିଲେ, ତାହା ଦେଶବାସୀଙ୍କୁ ବାଧ୍ୟ କରୁଛି ଯେ ଘରୋଇ ଡାକ୍ତରଖାନା ପ୍ରତି ସରକାର କିଛି ଠୋସ୍ ପଦକ୍ଷେପ ନେବା ପାଇଁ ଦାବି କରିବେ । ସର୍ବୋଚ୍ଚ ନ୍ୟାୟାଳୟର ମନ୍ତବ୍ୟକୁ ଦେଶବାସୀ ସ୍ୱାଗତ କରୁଛନ୍ତି ଏବଂ ଦେଶର ସ୍ୱାସ୍ଥ୍ୟ ସେବାକୁ ଘରୋଇକରଣରୁ ମୁକ୍ତ କରି ସରକାର ନିଜ ହାତରେ ସ୍ୱାସ୍ଥ୍ୟସେବାକୁ ରଖନ୍ତୁ । ସ୍ୱାସ୍ଥ୍ୟସେବା ଘରୋଇକରଣକୁ ବନ୍ଦ କରି ସରକାରୀ ଡାକ୍ତରଖାନା ଜରିଆରେ ଉତମ ସେବା ପ୍ରଦାନ କରିବା ନିଶ୍ଚିତ ପକ୍ଷେ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇ ପାରେ, କିନ୍ତୁ ବର୍ତମାନ ସ୍ଥିତିରେ ଏହା କେତେଦୂର ସମ୍ଭବ, ସେ ନେଇ ସାଧାରଣରେ ଆଲୋଚନା ହେବାର ସମୟ ଆସିଛି । ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇବା ପ୍ରତ୍ୟେକ ନାଗରିକର ଜନ୍ମଗତ ମୌଳିକ ଅଧିକାର । ସରକାର ଏ ଦୁଇଟି ସଂସ୍ଥାକୁ ଘରୋଇ ହାତକୁ କ୍ରମେ ଟେକି ଦେଉଥିବା ଦେଖାଯାଉଛି, ଯାହାକି ଭାରତୀୟ ଗଣତନ୍ତ୍ର ସରକାର ପାଇଁ ଦିନକୁ ଦିନ ଏକ କଠୋର ସମୟର ଆହ୍ୱାନ ଦେଲା ଭଳି ଲାଗୁଛି । ଆଜି ଘରୋଇ ଶିକ୍ଷା ଅନୁଷ୍ଠାନମାନଙ୍କ ପାଖରେ ଦେଶ ବନ୍ଧା ପଡିବାକୁ ଯାଉଛି, ଠିକ ସେହିଭଳି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଦେଖାଯାଉଛି । ଘରୋଇ ସ୍ୱାସ୍ଥ୍ୟସେବାକୁ ସରକାର ପ୍ରୋତ୍ସାହନ ଦେଉ ନ ଥିଲେ ଆୟୁଷ୍ମାନ ଭଳି ଯୋଜନା କରି ଘରୋଇ ଡାକ୍ତରଖାନାର ରୋଗୀମାନଙ୍କୁ ଶୋଷଣ କରିବାର ବ୍ୟବସ୍ଥା କାହିଁକି କରିଛନ୍ତି । ସେହି ଅର୍ଥରେ ସରକାରୀ ଡାକ୍ତରଖାନାର ଉନ୍ନତିକରଣ କରାଯାଇ ସାଧାରଣ ଜନତାଙ୍କୁ ଉତମ ସେବା ପ୍ରଦାନ କରିଥିଲେ ବହୁ ଗରୀବ ଲୋକ ଉପକୃତ ହୋଇ ପାରିଥାନ୍ତେ । କିନ୍ତୁ ସରକାର ବିଭିନ୍ନ ଯୋଜନା ଜରିଆରେ ସ୍ୱାସ୍ଥ୍ୟ ପାଇଁ ଟଙ୍କାର ବ୍ୟବସ୍ଥା କରି ସରକାରୀ ଡାକ୍ତରକାନାର ଉନ୍ନତି ନ କରି ଘରୋଇ ଡାକ୍ତରଖାନାକୁ ଅର୍ଥ ଟେକି ଦେବାର ଯେଉଁ ହିନ ଚକ୍ରାନ୍ତ କରିଛନ୍ତି, ତାହା ଅତିଶୀଘ୍ର ଲୋକ ଲୋଚନକୁ ଆସିଯିବ, ଓ ସରକାରଙ୍କ ଘରୋଇ ପ୍ରିତି ସାଧାରଣରେ ନିନ୍ଦିତ ହେବ । ଯଦି ସର୍ବୋଚ୍ଚ ନ୍ୟାୟାଳୟ ଜାଣିପାରିଲା ଯେ ଘରୋଇ ଡାକ୍ତରଖାନାଗୁଡିକ ସାଧାରଣ ଜନତାଙ୍କୁ ଲୋଟୁଛନ୍ତି, ତେବେ ସରକାରଙ୍କ ଦୃଷ୍ଟିକୁ କିଭଳି ଏହା ଦେଖାଯାଉନାହିଁ । କରୋନା ମହାମାରୀକୁ ମୁକାବିଲା କରିବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏହାର ସିଂହ ଭାଗ ଲାଭ ଘରୋଇ ଡାକ୍ତରଖାନା ନେଉଛନ୍ତି । ରୋଗୀମାନେ ସେବାଟିକିଏ ପାଇଁ ଏ ଘର ମାଉସୀ ସେ ଘର ପିଉସୀ ହେଉଥିବା ବେଳେ ଘରୋଇ ଡାକ୍ତରଖାନା ରୋଗୀର ପକେଟ ଦେଖି ଡାକ୍ତରଖାନାରେ ଶଯ୍ୟାଟିଏ ଦେଉଛି । ଯେଉଁ ରୋଗୀ ଭଲ ଟଙ୍କା ଖର୍ଚ୍ଚ କରୁଛି, ସେ ହିଁ କେବଳ ଚିକିତ୍ସା ପାଇ ପାରୁଛି, ଅନ୍ୟଥା ବୁଲି ବୁଲି ଶେଷରେ ଶଯ୍ୟାଟିଏ ନ ପାଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି । ଏ ହେଉଛି ଘରୋଇ ଡାକ୍ତରଖାନାର ବାସ୍ତବ ଚିତ୍ର । ଏଣୁ ଯଥାର୍ଥରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ମନ୍ତବ୍ୟକୁ ସରକାର ମାନିନେଇ ଘରୋଇ ଡାକ୍ତରଖାନାକୁ ପ୍ରୋତ୍ସାହନ ବନ୍ଦ କରି ସରକାରୀ ଡାକ୍ତରଖାନାର ଉନ୍ନତିକରଣ ସହ ଡାକ୍ତର ନିଯୁକ୍ତିକୁ ପ୍ରାଧାନ୍ୟ ଦେଲେ ଦେଶର ସ୍ୱାସ୍ଥ୍ୟସେବାର ବିକାଶ ହେବ ଏବଂ କି ଧନି କି ଗରୀବ ସମସ୍ତେ ଉତମ ସ୍ୱାସ୍ଥ୍ୟସେବା ବିନା ଖର୍ଚ୍ଚରେ ପାଇ ପାରିବେ ।



ଗୋପାଳ ଚନ୍ଦ୍ର ନାଥ

ସାମ୍ବାଦିକ, ଅନୁଗୋଳ
ମୋ-୯୪୩୭୨୯୦୬୬୨

# ପୁଣି ତାଲିବାନ ନିଆଁ



ଡାଃ ସୁରେନ୍ଦ୍ର ନାଥ ଦାଶ

ସୁନି ଦେଓବନ୍ଦୀ: କଟରପନ୍ଥୀ ତାଲିବାନ ଆତଙ୍କୀ ସଙ୍ଗଠନ ଆଗାନିସ୍ତାନ ଦେଶ ମାଟି ରେ ୧୯୯୪ ମସିହାରେ ମୁଲ୍ଲା ମହମ୍ମଦ ଓମାର ଙ୍କ ଦ୍ୱାରା କାନ୍ଦାହାର ସହରରେ ସୃଷ୍ଟି ହୋଇଥିଲା । ମଧ୍ୟ ଏସିଆ ତଥା ଅତ୍ୟୁଚ୍ଚ, କାରାକୋରମ, ହିନ୍ଦୁକୁଶ,ପିରପିଞ୍ଜଲ ପର୍ବତେଶ୍ରଣୀ ମଧ୍ୟରେ ଆବଦ୍ଧ ଏହି ଲାଣ୍ଡ ଲକଡ ଅନୁର୍ବର ମାଳଭୂମି ଦେଶଟି ରହିଅଛି । ଏହାର କ୍ଷେତ୍ରଫଳ ୬.୬ ଲକ୍ଷ ବର୍ଗ କିମି ଓ ଲୋକସଂଖ୍ୟା ୩.୯ ମିଲିଅନ । ମଧ୍ୟ ଯୁଗରେ ଏହା ଦକ୍ଷିଣ ପୂର୍ବ ଏସିଆ ଓ ପଶ୍ଚିମ, ମଧ୍ୟ ଏସିଆର ବାଣିଜ୍ୟ ପଥ (Silk Caravan Rout) ରେ ଅବସ୍ଥିତ ଥିବାରୁ ଅନେକ ସମୃଦ୍ଧଶାଳୀ ବାଣିଜ୍ୟ କେନ୍ଦ୍ର ଏ ଦେଶ ରେ ଗଢି ଉଠିଥିଲା । ପ୍ରାଚୀନ ଯୁଗରେ ଏହା ଗାନ୍ଧାର ବା ଖୋରସାନ ନାମରେ ପରିଚିତ ଥିଲା । କୁଶାଣ ସମ୍ରାଟ କନିଷ୍କ ଏହି ଦେଶର ପୁରୁଷପୁର ବା ବର୍ତ୍ତମାନର ପେଶୱାରକୁ ନିଜ ର ରାଜଧାନୀ କରିଥିଲେ । ତାଙ୍କ ଦ୍ୱାରା ସେ ଦେଶ ରେ ମହାଯାନ ବୌଦ୍ଧ ଧର୍ମ ପ୍ରଚାର ହୋଇ ବମିୟାନ ବିଶାଳ ବୁଦ୍ଧ ମୂର୍ତ୍ତି ତିଆରି ହୋଇଥିଲା । ପରେ ଏଠାରେ ମୁସଲିମ ଧର୍ମ ପ୍ରତିଷ୍ଠା ହେଲା । ଆଫାନିଗାନ ସ୍ତାନର ଅନେକ ଆକ୍ରମଣକାରୀ ଶାସକ ଯଥା ମହମ୍ମଦ ଗଜନୀ,ମହମ୍ମଦ ଘୋରୀ ,ନାଦିର ଶାହା, ଅହମ୍ମଦ ଶାହା ଦୁରାନୀ ଭାରତ ଉପରେ ଅସଂଖ୍ୟ ଆକ୍ରମଣ କରି ଭୟଙ୍କର ଧ୍ୱଂସଲୀଳା ଘଟାଇଥିଲେ । ନାଲନ୍ଦା ବିଦ୍ୟାଳୟ,ସୋମନାଥ ମନ୍ଦିର ମାନ ମାଟିରେ ମିଶାଇଥିଲେ । ସୁଦୂର ଓଡିଶାରେ ମନ୍ଦିର ମାନ ଭାଙ୍ଗିଥିବା କଳାପାହାଡ ମଧ୍ୟ ଜଣେ ଆଫାଗାନ ଥିଲା । ଅତି ଦୁର୍ଦ୍ଧଶ ଓ ଶକ୍ତିଶାଳୀ ଥିବାରୁ ସେମାନଙ୍କୁ ପ୍ରତିରୋଧ କରିବା ଦୁର୍ବଳ ଭାରତୀୟ ଶାସକ ମାନଙ୍କ ପକ୍ଷରେ ସମ୍ଭବ ହେଉ ନଥିଲା । ଆଫଗାନିସ୍ଥାନରେ ନାନା ପ୍ରକାର ସଂପ୍ରଦାୟ ବାସକରନ୍ତି । ସେମାନଙ୍କ ମଧ୍ୟରେ ପାସ୍ତୁନ, ତାଜାକ, ଖୋର୍ଜ,ଉଜବକ, ବେଲୁଚି ବାରଜାଇ ପ୍ରଧାନ । ସେମାନେ ନିଜ ନିଜ ମଧ୍ୟରେ ସବୁବେଳେ ଯୁଦ୍ଧ ଓ କଳହରେ ସଂପୃକ୍ତ ରୁହନ୍ତି । ଅପମାନର ପ୍ରତିଶୋଧ ପାଇଁ ସେମାନେ ପିଢିପରେ ପିଢି ଅପେକ୍ଷା କରନ୍ତି । ସେଥିପାଇଁ ଏହାକୁ ବଦଳା ସ୍ଥାନ (Land of revenge) ମଧ୍ୟ କୁହନ୍ତି ।ଏମାନେ ଅତ୍ୟନ୍ତ ସ୍ୱାଧିନ ଚେତା । ଅନ୍ୟର ପରାଧିନତା ସେମାନେ କେଭେ ସ୍ୱିକାର କରନ୍ତି ନାହିଁ । ଅନେକ ବୃହତ ଶକ୍ତି ମୁହଁରେ କଳା ବୋଳି ଆକ୍ରମଣ କରି ପରାସ୍ତ ହୋଇ ଏ ଦେଶ ରୁ ଫେରିଛନ୍ତି । ୧୮୪୨ ମସିହାରେ ଇଂରେଜ ମାନେ ଏ ଦେଶ ଆକ୍ରମଣ କରି ଚରମ ପରାଜୟର ସମ୍ମୁଖିନ ହୋଇଥିଲେ । ସେମାନଙ୍କ ଏକ ସୈନ୍ୟ ବାହିନୀ ଆଫଗାନଙ୍କ ଆକ୍ରମଣରେ ସମସ୍ତେ ମୃତ ହେଲେ । ଜଣେ ଡାକ୍ତର ବାଇଡନ ଜୀବନ ଧରି ଖବର ନେଇ ଫେରିଲେ । ପରେ ଜୟ କଲେ ମଧ୍ୟ ସ୍ଥାନୀୟ ଶାସକଙ୍କୁ ଭାର ଦେଇ ଇଂରେଜ ମାନେ ଦେଶ ତ୍ୟାଗ କରିଥିଲେ । ଏ ଦେଶରେ କେନ୍ଦ୍ର ସରକାର ନାମକୁ ମାତ୍ର ଅଛି । ବିଭିନ୍ନ ସରଦାର ବା ୱାର ଲର୍ଡ ମାନେ ନିଜ ଇଲାକାକୁ ନିୟନ୍ତ୍ରଣ କରନ୍ତି । ୧୯୭୯ ମସିହାରେ ସୋଭିଏତ ଋଷ ସୈନ୍ୟ ପଠାଇ ଏହାକୁ ଆକ୍ରମଣ କରି ଏକ ସାମ୍ୟବାଦୀ ସରକାର ଡଃ ନଜିବୁଲ୍ଲା ଙ୍କ ନେତୃତ୍ୱରେ ପ୍ରତିଷ୍ଠା କଲା ଏହା ବିରୁଦ୍ଧ ରେ ଆଫଗାନ ମାନେ ବିଦ୍ରୋହ କଲେ । ଜିହାଦ ବା ମୁକ୍ତି ଯୁଦ୍ଧ ଆରମ୍ଭ ହେଲା । ଆମେରିକାର ସି.ଆଇ.ଏ. ଓ ପାକିସ୍ତାନର ଆଇ.ଏସ.ଆଇ.ସଂସ୍ଥା ସେମାନଙ୍କୁ ଗରିଲା ଯୁଦ୍ଧ ପ୍ରଶିକ୍ଷଣ ଦେଲେ,ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର ପଠାଇଲେ । ବିଭିନ୍ନ ମୁସଲିମ ଦେଶରୁ ଯୁବକ ମାନେ ଯୁଦ୍ଧରେ ଯୋଗ ଦେବାକ ଆସିଲେ । ଶେଷକୁ ଋଷ ବାଧ୍ୟ ହୋଇ ୧୯୯୦ ମସିହାରେ ସୈନ୍ୟ ପ୍ରତିହାର କଲା । ବିଦ୍ରୋହୀ ମାନେ ରାଜଧାନୀ କାବୁଲ ଅଧିକାର କଲେ ଓ ରାଷ୍ଟ୍ରପତି ଡାଃ ନଜିବୁଲ୍ଲାଙ୍କୁ ହତ୍ୟା କଲେ । ପେଶବାର ଠାରେ ଚୁକ୍ତି ହୋଇ ଅଣ କମ୍ୟୁନିଷ୍ଟ ସମ୍ମିଳିତ ସରକାର ବା ୟୁନାଇଟେଦ ଫ୍ରଣ୍ଟ ଇସଲାମିକ ସରକାର ବିଭିନ୍ନ ୱାର ଲର୍ଡ ଙ୍କୁ ନେଇ ଗଠିତ ହେଲା । ଏମାନେ ନାନା ଦୁର୍ନିତିରେ ବୁଡି ନିଜ ନିଜ ମଧ୍ୟରେ କଳହରେ ମାତିଲେ । ଆକ୍ରମଣ ରେ କାବୁଳର ଅନେକ ଲୋକ ମଲେ ।୧୯୯୪ ମସିହାରେ ମୁଲ୍ଲା ମହମ୍ମଦ ଓମାର ନାମକ ଜଣେ ଦେଓବନ୍ଦୀ ସୁନ୍ନୀ କଟର ପନ୍ଥୀ ୫୦ ଜଣ ଛାତ୍ରଙ୍କୁ ନେଇ ତାଲିବାନ ବା ଷ୍ଟୁଡେଣ୍ଟ ଅଫ ଲର୍ଡ ନାମରେ ଏକ ସଂଗଠନ ଗଢିଲେ । ଆଫଗାନିସ୍ଥାନକୁ ଦୁର୍ନିତି ପୂର୍ଣ୍ଣ ସରଦାର ମାନଙ୍କୁ ବିତାଡିତ କରି ବିଶୁଦ୍ଧ ଇସଲାମିକ ଶାସନ ପ୍ରତିଷ୍ଠା ଏହାର ଲକ୍ଷ୍ୟ ରହିଲା । କାନ୍ଦାହାର ଠାରୁ ମୁଖ୍ୟ ଦପ୍ତର କରି ଅଭିଯାନ ଆରମ୍ଭ ହେଲା । ପାକିସ୍ତାନ,ଆମେରିକା, ସଉଦି ଆରବିଆ ୟେମେନ ଆଦି ଦେଶ ଅସ୍ତ୍ର ଓ ଅର୍ଥ ଦେଇ ସାହାଯ୍ୟ କଲେ । ସାଉଦୀ ଆରବରୁ କୋଟିପତି ଓସମାନ ବିନ ଲାଦେନର ଆଲ କାଇଦା ସଂଗଠନ ତାଲିବାନକୁ ସହଯୋଗ ହାତ ବଢାଇଲା ଓ ନିଜେ ଆଫାଗାନିସ୍ତାନରେ ବାସ କଲା । ତେଣେ କାବୁଲରେ ବିଭିନ୍ନ ସାମରିକ ଗୋଷ୍ଠି ମଧ୍ୟରେ ବିବାଦ ଲାଗିବାରୁ ଶାସନ ଅଚଳ ହୋଇପଡିଲା । ଗୃହ ଯୁଦ୍ଧ ଆରମ୍ଭ ହେଲା । ପ୍ରେସିଡେଣ୍ଟ ବହିରୁଦ୍ଦିନ ରାବନ ଅସହାୟ ହୋଇ ପଡିଲେ । ତାଲିବାନ ୩ ନଭେମ୍ବର ୧୯୯୪ ରେ କାନ୍ଦାହାର ଅଧିକାର କଲେ ଓ ଇସଲାମିକ ଏମିରେଟ ଅଫ୍ ଆଫାଗାନିସ୍ତାନ ଘୋଷଣା କଲେ । ୪ ଜାନୁୟାରୀ ୧୯୯୫ ସୁଦ୍ଧା ୧୨ଟି ପ୍ରଦେଶକୁ ଅଧିକାର କଲେ । ସେପ୍ଟେମ୍ବର ୫,୧୯୯୫ ତାରିଖ ରେ ହେରାଟ ଅଧିକାର କଲେ ଓ କାବୁଲ ଆକ୍ରମଣ ଆରମ୍ଭ କଲେ । ସରକାରଙ୍କ ସେନାପତି ଅହମଦ ମାସୁଦ ତାଲିବାନ ମାନଙ୍କୁ ପରାସ୍ତ କଲେ ମଧ୍ୟ ସେ କାବୁଲରୁ ସୈନ୍ୟ ପ୍ରତ୍ୟାହାର କଲେ ଓ ସେପ୍ଟେମ୍ବର ୫ ତାରିଖ ୧୯୯୬ ରେ କାବୁଲ ଅଧିକୃତ ହେଲା । ଇସାଲମିକ ଏମିରଟେ ଅଫ ଆଫାଗାନିସ୍ତାନ ଘୋଷଣା ହେଲା ।

ଅହମ୍ମଦ ମାସୁଦ: ତାଲିବାନ ମାନଙ୍କୁ ସଫଳ ମୁକାବିଲା କରିବାରେ ମାସୁଦଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ସେ ତାଲିବାନ ବିରୁଦ୍ଧରେ ଶେଷ ପର୍ଯ୍ୟନ୍ତ ସଫଳ ମୁକାବିଲା କରିଥିଲେ । ରାବାନି ସରକାରର ପ୍ରତିରକ୍ଷାମନ୍ତ୍ରୀ ଥାଇ କାବୁଲ ଯୁଦ୍ଧରେ ତାଲିବାନ ମାନଙ୍କୁ ପରାସ୍ତ କଲେ । ମାତ୍ର ସରକାର ପତନ ଘଟିବାରୁ ସୈନ୍ୟ ପ୍ରତିହାର କରି ନିଜ ଅଧିକୃତ ପାଞ୍ଜିର ଭାଲିକୁ ଚାଲି ଗଲେ ଓ ଅନେକ ୱାର ଲର୍ଡ ଙ୍କୁ ଏକାଠି କରି ଉତ୍ତର ଅଂଶକୁ ତାଲିବାନ ମୁକ୍ତ କଲେ । ନିଜ ରାଜ୍ୟରେ ଉଦାର ଗଣତନ୍ତ୍ର ଶାସନ ପ୍ରଚଳନ ସହ ନାରୀ ମାନଙ୍କୁ ସଂପୂର୍ଣ୍ଣ ସ୍ୱାଧିନତା ଦେଇଥିଲେ । ତାଲିବାନ ମାନେ ତାଙ୍କୁ ପ୍ରଧାନ ମନ୍ତ୍ରୀ ପଦ ଯାଚିଲେ ମଧ୍ୟ ସେ ତାହା ପ୍ରତ୍ୟାଖାନ କରିଥିଲେ । ଶେଷରେ ୨୦୦୧ ମସିହାରେ ନଭେମ୍ବର ୯ତାରିଖ ଦୁଇଜଣ ଆଲ କାଇଦା ଆତଙ୍କ ବାଦୀ ତାଙ୍କୁ ଆତ୍ମଘାତୀ ଆକ୍ରମଣ ରେ ହତ୍ୟାକଲେ । ତାଜାକର ଏକ ଭାରତୀୟ ହସପିଟାଲରେ ତାଙ୍କର ମୃତ୍ୟୁ ହେଲା । ସେ ଭାରତର ସମର୍ଥକ ଓ ପାକିସ୍ତାନର ବିରୁଦ୍ଧ ଥିଲେ । ମୃତ୍ୟୁର ଦୁଇଦିନ ଆଗରୁ ୟୁରୋପିଆନ ୟୁନିଅନ ରେ ଭାଷଣ ଦେଇ ସେ ତାଲିବାନର ବଡ ଆକ୍ରମଣ ସମ୍ବନ୍ଧରେ ସୁଚାଇଥିଲେ ଓ ତାଙ୍କ ମୃତ୍ୟୁର ଦୁଇଦିନ ପରେ ୧୧ ତାରିଖ ରେ ଟ୍ରେଡଟାୱାର ଉପରେ ଆକ୍ରମଣ ହେଲା । ମାସୁଦଙ୍କୁ ଘବଶ୍ବସକ୍ଟଭବକ୍ଷ ଐରକ୍ବକ୍ଟ ମାନ୍ୟତା ଦିଆଯାଇଛି । ତାଙ୍କ ଜନ୍ମ ଦିନ ମୋସାଦ ଡେ ଓ ଜାତୀୟ ଛୁଟି ଦିବସ ରୂପେ ପାଳନ ହେଉଛି । ପ୍ରେସିଡେଣ୍ଟ ହାମିଦ କାରଜାଇଙ୍କ ଭାଷାରେ He had greater punch than 18 livinng president combined together . He was the Lion of Panshir Valley. His area was the last corner of peace in Afganisftan .

ସାସୁଦଙ୍କ ମୃତ୍ୟୁ ପରେ ତାଙ୍କ ଅନୁଗତ ମାନେ ନର୍ଥନ ଆଲିଆନସ(Northen Alliance) ଗଠନ କରି ତାଲିବାନ ବିରୁଦ୍ଧରେ ଯୁଦ୍ଧ ଚଳାଇରଖିଲେ । ୨୦୦୧ ମାସ ସେପ୍ଟେମ୍ବର୧୧ ତାରିଖରେ ଆମେରିକା ଟ୍ରେଡ ଟାୱାର ଉପରେ ଆକ୍ରମଣ ହେଲା । ଏଥିରେ ଆଲକାଇଦା ଓ ତାଲିବାନର ସଂପୃକ୍ତି ଥିବାରୁ ଆମେରିକା ଓ ତାର ନାଟୋ ସହଯୋଗୀ ଆଫଗାନିସ୍ତାନ ଉପରେ ଆକ୍ରମଣ କଲା । ତାସହ ନର୍ଥନ ଆଲିଆନସ ଯୋଗ ଦେଲା । ଅଳ୍ପ ଦିନ ମଧ୍ୟରେ ତାଲିବାନ ଓ ଆଲକାଇଦା ପରାସ୍ତ ହୋଇ ପାହାଡ ଜଙ୍ଗଲକୁ ପଳାଇଲେ । ଅନେକ ପାକିସ୍ତାନର ସୀମା ଭିତରକୁ ପଶିଗଲେ ଆମେରିକାର ସୈନ୍ୟ ଆ'ାଗାନିସ୍ତାନରେ ଶିବିର ପକାଇ ସୁରକ୍ଷା ଦେଲେ । ନୂତନ ଗଣତନ୍ତ୍ର ସରକାର ହମିଦ କାରଜାଇଙ୍କ ନେତୃତ୍ୱରେ ଚାଲିଲା । ତଥାପି ତାଲିବାନ ମାନେ ଗରିଲା ଯୁଦ୍ଧ ଚଲାଇ ଅନେକ ଆମେରିକାନ ଓ ଆଫଗାନିସେନାଙ୍କୁ ହତ୍ୟା କଲେ । ଦିନରାତି ପାଷାଣ ଭେଦୀ ବମ ମାଡ ସତେ ତାଲିବାନ ନିପାତ ହେଲେନି । ବରଂ ପାକିସ୍ଥାନ ଓ ଭାରତକୁ ତାଙ୍କର ଆକ୍ରମଣ ସଂପ୍ରାସାରିତ ହେଲା । ଏହା ମଧ୍ୟରେ ଆମେରିକା ବୋମା ମାଡରେ କୁଖ୍ୟାତ ଆତଙ୍କ ବାଦୀ ଲାଦେନର ମୃତ୍ୟୁ ହେଲା । ମୁଲ୍ଲା ଓମାର ମଧ୍ୟ ମଲା ତଥାପି ତାଲିବାନ ଆକ୍ରମଣ ଚାଲୁ ରହିଲକା । ବିଦେଶରୁ ହଜାର ହଜାର ମୁସଲମାନ ଯୁବକ ତାଙ୍କ ସାଥିରେ ଯୋଗ ଦେଲେ । ଆମେରିକା ସରକାର ୧୪୦ ବିଲିଅନ ଅର୍ଥ ଖର୍ଚ୍ଚ ଓ୧୬୦୦ ସୈନ୍ୟଙ୍କୁ ହରାଇ ବାଧ୍ୟ ହୋଇ ତାଲିବାନ ସହିତ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରି ଆଫଗାନିସ୍ତାନରୁ ବିଦାୟ ନବାକୁ ସ୍ଥିର କଲା । ୧୧ ସେପଟେମ୍ବର ୨୦୨୧ ସୁଦ୍ଧା ସୈନ୍ୟ ଅପସାରଣ ସରିବ ବୋଲି ଘୋଷିତ ହେଲା । ଏହାଏକ ରକମ ପରାଜୟ ବୋଲି କୁହାଯାଇପାରେ ।

ମୁହଁ ରେ ଶାନ୍ତି କହିଲେ ମଧ୍ୟ ତାଲିବାନ ମାନେ ହତ୍ୟା ବୋମା ମାଡ ଚାଲୁ ରଖିଛନ୍ତି । ବର୍ତ୍ତମାନ ସରକାର ସହ ଭାରତର ବନ୍ଧୁତା ଅଛି । ଭାରତ ସହାୟତାରେ ଅନେକ ଉନ୍ନୟନ କାର୍ଯ୍ୟ ସେଠାରେ ହୋଇଛି । ତାଲିବାନ ମାନେ ତୀବ୍ର ଭାରତ ବିରୋଧି । ଭାରତ ସେମାନଙ୍କୁ ସରକାରୀ ସ୍ୱିକୃତି ଦେଇ ନଥିଲା । ଭାରତରେ ଆତଙ୍କ ବାଦୀଙ୍କୁ ସେମାନେ ସହାୟତା ଦିଅନ୍ତି । ତେଣୁ ସେମାନେ କ୍ଷମତା ଅଧିକାର ପୁଣି କଲେ ଭାତର ପାଇଁ ନିଶ୍ଚୟ ସମସ୍ୟା ସୃଷ୍ଟି ହେବ ।

ତାଲିବାନ ଶାସନ: ନିଷ୍ଠୁର,ହୃଦୟହିନ ଓ ଧର୍ମାନ୍ଧ ଶାସନକୁ ତାଲିବାନ ଶାସନ କହିବା ପ୍ରଥାରେ ପରିଣତ ହୋଇ ଗଲାଣି । ସେମାନଙ୍କର ନିର୍ମମ ଶାସନରେ ଅତି କଠୋର ଭାବରେ ଲୋକ ମାନଙ୍କୁ ରଖା ଯାଇଥିଲା । ଆଧୁନିକ ବସ୍ତୁ କୁ ସେମାନେ ଘୃଣା କରୁଥିଲେ । ସିନେମା,ଟିଭି, ୟୁରୋପିୟ ପୋଷାକ,ଚଳଚିତ୍ର, ବିୟୁଟି ପାରଲର, ସିନେମା ଉପରେ ରୋକ ଲାଗିଥିଲା । ଆଧୁନିକ ସ୍କୁଲକୁ ବନ୍ଦ କରାଗଲା । ପିଲା ମାନଙ୍କୁ ମାଦ୍ରାସାରେ ପଢିବାକୁ କୁହାଗଲା । ସ୍ତ୍ରୀ ମାନଙ୍କୁ ପାଠ ପଢିବାକୁ ବିଦେଶ ଯିବାକୁ ଚାକିରି କରିବାକ ଖେଳିବାକୁ ନିଷେଧ ଥିଲା । ହାତ କାଟି ଦେବା,ମୁଣ୍ଡ କାଟିବା, ଚାବୁକ ମାରିବା, ଛକ ରେ ଖୁଣ୍ଟରେ ଦୋଷୀକୁ ବାନ୍ଧି ଟେକା ମାରିବା ଭଳି ମଧ୍ୟ ଯୁଗୀୟ ଦଣ୍ଡ ଦିଆ ଯାଉଥିଲା । ତାଙ୍କ ବିରୁଦ୍ଧ ରେ ପ୍ରତିବାଦ କରିବାରୁ ବାଳିକା ମାଲାଲାକୁ ହତ୍ୟା କରିବାକୁ ଚେଷ୍ଟା ସାରା ପୃଥିବୀରେ ଚହଳ ସୃଷ୍ଟି କଲା । ଅନେକ ସାମ୍ବାଦିକ, ସମାଜ ସେବୀ,ବିଦେଶୀ ଭ୍ରମଣ କାରୀ ଙ୍କୁ ମଧ୍ୟ ମାରିଦିଆଗଲା । ଦୁଇଜଣ ପ୍ରେସିଡେଣ୍ଟ ମଧ୍ୟ ହତ୍ୟାର ଶୀକାର ହୋଇଥିଲେ । ଅଫାଗାନ ସ୍ଥାନ ଲକ୍ଷଲକ୍ଷ ବିଧବା,ପିତୃ ହୀନ ସନ୍ତାନଙ୍କ ଦେଶ ହୋଇଗଲାଣି । ତଥାପି ରକ୍ତ ପାତ ର ଶେଷ ନାହିଁ । ନିଜ ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଆମେରିକା ହିଁ ଏହି ଭସ୍ମାସୁର ତାଲିବାନଙ୍କୁ ସୃଷ୍ଟି ଓ ପୋଷଣ କରିଥିଲା । ପାକିସ୍ତାନ ଏହାର ପାଳକ ପିତା,ଉଦାର ପନ୍ଥୀ ମାସୁଦଙ୍କୁ ପଛ କରି ଆମେରିକା ତାଲିବାନଙ୍କୁ ଅଗ୍ରାଧିକାର ଦେଇଥିଲା । ସେହି ବିଷର ଜ୍ୱାଳାରେ ଆଜି ସମଗ୍ର ବିଶ୍ୱ ଜର୍ଜରିତ ହୋଇ ଅସହାୟ ପଡିଛି । ଧର୍ମ ନାମକ ଅଫିମ ଖାଇ ମଣିଷ କିପରି ଅମଣିଷ ହୁଏ ତାହା ଦେଖିଲେ ମନେହୁଏ ଧର୍ମ ନାମକ ଜିନିଷ ପୃଥିବୀରେ ନଥିଲେ ମଙ୍ଗଳମୟ ହୋଇ ଥାଆନ୍ତା ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬

# ଯେତେ ଜୀବନ, ସେତେ ଉପନ୍ୟାସ



ମାୟାଧର ନାୟକ

ଯେଉଁମାନେ ଲେଖକ, ସେମାନେ ଉପନ୍ୟାସ ଲେଖିବା ପୂର୍ବରୁ ଓ ପରେ ଏଇ ଜୀବନ ନିକଟରେ ହିଁ ଋଣ ସ୍ୱୀକାର କରିବାକୁ ବାଧ୍ୟ । କିଏ କିପରି ଭାବରେ ଜୀବନକୁ ଅନୁଭବ କରିଛନ୍ତି, ସେ ଅନୁଭବକୁ ଉପନ୍ୟାସ ରୂପେ ଫୁଟାଇବାକୁ ଯାଇ କାହାଣୀର କାୟାରେ ଛନ୍ଦି ହୋଇଛନ୍ତି କି ଚରିତ୍ରମାନଙ୍କ ମାୟାରେ ବାନ୍ଧି ହୋଇଛନ୍ତି – ବିଭିନ୍ନ ସାକ୍ଷାତକାରରେ ଏ ବାବଦରେ ଭିନ୍ନ ଭିନ୍ନ ଲେଖକୀୟ ବୟାନ ଆମକୁ ବେଳେବେଳେ ଶୁଣିବାକୁ ମିଳିଥାଏ । ଏବେ ପୁଣି ଆହୁରି ଗୋଟିଏ ନୂଆ କଥାର ଚଳଣି ଆରମ୍ଭ ହୋଇସାରିଲାଣି – ଗୋଟିଏ ଗୋଟିଏ ଉପନ୍ୟାସର ସୁବର୍ଣ୍ଣ ଜୟନ୍ତୀ ପାଳନ ।ସବୁ ସତ୍ତ୍ୱେ ଓଡ଼ିଆ ଭାଷାରେ ଏବେ ଉପନ୍ୟାସ ରଚନା ଏକ ସଂକଟାପନ୍ନ ସ୍ଥିତିରେ ଗତି କରୁଛି ବୋଲି ମାନିନେବାକୁ ପଡ଼ିବ । ଏହା ପଛରେ ଯେଉଁ କାରଣଟିକୁ ସବୁଠୁ ବଡ଼ ମନେ କରାଯାଉଛି, ତାହା ହେଲା ଆଜିର ଦ୍ରୁତ ଜୀବନଧାରା । ଏଭଳି ଏକ ସମୟରେ ଆମେ ପହଂଚିସାରିଛେ, ଯେଉଁ ସମୟରେ କେହି କାହା କଥା ଶୁଣିବାକୁ ବେଳ ନାହିଁ ।

ଆଗ ପରି ଏବେ ଆଉ ଉପନ୍ୟାସ ଲେଖାହେଉନାହିଁ । ଚରିତ୍ରମାନେ କ'ଣ କୁଆଡ଼େ ଛୁଟିଦିନ କଟାଇବାରେ ବ୍ୟସ୍ତ ନା ଘଟଣାସବୁ ଗରହାଜିର୍ ? ହଁ, ପରିବେଶରେ ଅବଶ୍ୟ ଅନେକଟା ଅଦଳବଦଳ । ମେସିନ୍ ବିସ୍ଥାପିତ କରିଛି ମଣିଷକୁ – ତା' ନିଜ ମନ-ପ୍ରାଣ-ଆତ୍ମାର ଏକଦା-ଅନ୍ତରଙ୍ଗ ଇଲାକାରୁ । ଶିଳ୍ପପ୍ରସାଧିତ ସଭ୍ୟତା ଆଜି କଳାକନା ବୁଲାଇସାରିଛି କୃଷିଭିତିକ ସଂସ୍କୃତି ଓ ମୂଲ୍ୟବୋଧର ଯୌଥ ଜୀବନକ୍ଷେତ୍ରରେ । ବହିଃପ୍ରକୃତିର ବିକୃତୀକରଣ ପାଛୋଟିଆଣିଛି ପ୍ରଦୂଷଣ, ଯାହାର ପ୍ରତୀକ କଳାଧୂଆଁ – ଅନ୍ତଃପ୍ରକୃତିର ଉଚ୍ଛେଦୀକରଣ ଡାକିଆଣିଚି ବିସ୍ଫୋରିତ ସାମାଜିକ ବ୍ୟବଧାନ, ଯାହାର ସଂକେତ କଳାଧନ । ବ୍ୟବସ୍ଥାକୁ ବଦଳାଇବାର ଆସ୍ଥା ଯେଉଁମାନଙ୍କ ଉପରେ, ସେଇ ଯୁବପିଢ଼ି ଆଜି ଚକ୍ରବ୍ୟୂହସ୍ଥ ଅଭିମନ୍ୟୁର ଦଳ – ମତଲବୀ ମହାରଥୀମାନଙ୍କ ମଇଦାନ ମଝିରେ !ଯେତେବେଳେ କୁରୁକ୍ଷେତ୍ର ପାଲଟିଯାଇଥିଲା ଯୁଦ୍ଧକ୍ଷେତ୍ର, ସେତେବେଳେ ମହାଭାରତ ଲେଖାଯାଇ ପାରିଥିଲା । ଏହି ଯୁଦ୍ଧକ୍ଷେତ୍ରକୁ ଧର୍ମକ୍ଷେତ୍ରରେ ପରିଣତ କରିବାର ପ୍ରେରଣା ଦେଇଥିଲା ଏ ମହାକାବ୍ୟ । ଅଥଚ ତା'ଠାରୁ ଆହୁରି ଭୟାବହ ଏକ ପରିବେଶ ସଂପ୍ରତି ସୃଷ୍ଟି ହୋଇସାରିଥିଲେ ହେଁ ଉପନ୍ୟାସର ଯୁଗାନ୍ତର କାହିଁକି ଏବେ ମ୍ଳ ଏକ ପ୍ରଶ୍ନବାଚୀ ?

କ'ଣ ସମୟ ନାହିଁ ?

ଆମ ପାଠକମାନଙ୍କର ପଢ଼ିବା ପାଇଁ ସମୟ ଥାଉ କି ନ ଥାଉ, କିନ୍ତୁ ଆମ ଲେଖକମାନଙ୍କର କ'ଣ ଲେଖିବା ପାଇଁ ସମୟ ନାହିଁ ? ଗୀତ, କବିତା, ଗପ, ନାଟକ, ନିବନ୍ଧ, ପାଠ୍ୟପୁସ୍ତକ ଲେଖିବା ପାଇଁ ସମୟ ଅଛି, ହେଲେ ଉପନ୍ୟାସ ଲେଖିବା ପାଇଁ ସମୟ ନାହିଁ ଏବେ ?

ଉପନ୍ୟାସ ହେଉଛି ମହାଜୀବନ-ପ୍ରବାହର ମର୍ମାନୁବାଦ ।

ଆମ ଭାଷାରେ ବର୍ତମାନ ଉପନ୍ୟାସର ଏହି ଅନଟନ ନିଶ୍ଚିତରୂପେ ଏକ ଉଦ୍‌ବେଗଜନକ ବିଷୟ । ଶାସ୍ତ୍ରୀୟ ମାନ୍ୟତା ପାଇସାରିଥିବାର ମାତ୍ର କେତେ ବର୍ଷେ ପୂରୁ ନ ପୂରୁଣୁ ଯଦି ଏହା ହିଁ ଏବେ ଅବସ୍ଥା, ଆଗକୁ ତା'ହେଲେ ଏକ ଉପନ୍ୟାସହୀନ ସାହିତ୍ୟକୁ ମଂଚ ଆଗରେ ଛିଡ଼ା କରାଇ କି ଆଶା ଆଉ ବାନ୍ଧିବା ଆମେ ?

ନୂଆ ଚରିତ୍ର, ନିଆରା ଘଟଣା, ନୁଖୁରା ପରିବେଶ – ଉପନ୍ୟାସର ଯୁଗାନ୍ତର ପାଇଁ ଯଥାର୍ଥରେ ଗୋଟିଏ ଗୋଟିଏ ଅନ୍ତର୍ଭେଦୀ ଆହ୍ୱାନ ନୁହେଁ କି ?

ସମୟ ଥିଲା, ସମୟ ଅଛି, ସମୟ ଥିବ । ନ ଥିବ ବୟସ, ନ ଥିବ କୃଷ୍ଣକେଶ, ନ ଥିବ ସୁଖଦୁଃଖରେ ସମଭାଗୀ ନିହାତି ନିକଟର ମଣିଷ । ଥିବ ନିରବଧି କାଳ, ନ ଥିବ କିନ୍ତୁ ଭାବିବସିଥିବାକୁ ଆଉଘଡ଼ିଏ ବେଳ – ଜୀବନର ଗୁଡ଼ିଏ ଗୁମର ଭିତରୁ ଏମିତି ଗୋଟିଏ ଯୋଡ଼ିଏ କଥା ମନେ ପକାଇଦେଲେ ହିଁ ଯଥେଷ୍ଟ, ଯାହା ଆମକୁ ସୂଚାଇଦେଇଥାଏ ହାତଗଣତି କେତୋଟି ଉପନ୍ୟାସ । ସୂଚନା କ'ଣ ଦିଏ କେବଳ ? ଦିଏ ଚେତନା, ଦିଏ ପ୍ରେରଣା, ଦିଏ ନବଜୀବନର ନିର୍ଦ୍ଦେଶନା ବି । ସମସ୍ତେ ଟଲଷ୍ଟୟ ହୋଇପାରନ୍ତି ନାହିଁ କି ଗର୍କୀ । ସମସ୍ତେ ପ୍ରେମଚନ୍ଦ୍ ହୋଇପାରନ୍ତି ନାହିଁ କି 'କୀରମୋହନ । ସମସ୍ତେ ଶରତଚନ୍ଦ୍ର ହୋଇପାରନ୍ତି ନାହିଁ କି କାହ୍ନୁଚରଣ । ସେମିତି ସମସ୍ତେ କ'ଣ ଲେଖିପାରନ୍ତି ଅଙ୍କଲ୍ ଟମ୍‌ସ୍ କ୍ୟାବିନ୍ ନା କ୍ରାଇମ୍ ଏଣ୍ଡ୍ ପନିଶ୍‌ମେଂଟ୍ ? ମହାନ୍ ଲେଖକମାନେ ଯେମିତି ସବୁଦେଶର, ମହତର କୃତିଗୁଡ଼ିକ ବି ସେମିତି ସବୁ କାଳର । ସମସ୍ତେ ସେମାନେ ବରଣୀୟ । ସେମାନଙ୍କ କାଳଜୟୀ କୃତିସବୁ ମ୍ଳ ସ୍ମରଣୀୟ । ସେମାନେ ବଜାରର ହଜାରଜଣଙ୍କ ପାଇଁ ଲେଖିବା ଅପେକ୍ଷା ନିଜ ଅନ୍ତଃପୁରୁଷର ଆଜ୍ଞା ପାଳନ କରିବାକୁ ହିଁ ଲେଖୁଥିଲେ । ଆମେ ଆଜି ଉପନ୍ୟାସର ଯୁଗାନ୍ତର ପାଇଁ କାମନା କରୁଥିବା ବେଳେ ଏଇ ସରଳ ସତ୍ୟଠାରୁ ଯେପରି ଦୂରେଇ ନ ଯାଉ – ଅନ୍ତତଃ ଏତିକି ମନେରହିପାରିଲେ ଭଲ ।ଶରତଚନ୍ଦ୍ର କହିଥିଲେ, 'ପାଦ ଥିଲେ ଚାଲିହୁଏ, କିନ୍ତୁ ହାତ ଥିଲେ ଲେଖିହୁଏନା ।' କେଡ଼େ ବଡ଼ କଥାଟାଏ ! ଏଇ ଦୃଷ୍ଟିରୁ କୁହାଯାଇପାରେ, ବୁନ୍ଦାଏ ରକ୍ତରେ ମନର ମଣିଷ ପାଖକୁ ହୁଏତ ଦସ୍ତଖତଟିଏ ପଠାଇଦେଇହୁଏ, କିନ୍ତୁ ବୋତଲେ କାଳିରେ ପାଠକପାଠିକାଙ୍କ ହାତପାଆନ୍ତାକୁ ଉପନ୍ୟାସଟିଏ ବଢେଇ ଦେଇହୁଏନା ।ସମୟ ଥିଲେ ଯେ ଉପନ୍ୟାସ ଲେଖିଦେଇହେବ, ତା' ବି ହଲପ୍ କରି କୁହାଯାଇନପାରେ । ଏ କଥା ମ୍ଳ କେବେକେବେ ଶୁଣିବାକୁ ମିଳିଥାଏ ଯେ କୌଣସି ଲେଖକ ଉପନ୍ୟାସଟିଏ ଲେଖିବେ ବୋଲି ଛୁଟି ନେଇ ଘରୁ ଚାଲିଯାଇଛନ୍ତି ବାହାରକୁ । କିନ୍ତୁ କିଛିଦିନ ପରେ ଫେରିଛନ୍ତି ଉପନ୍ୟାସ ବଦଳରେ ଖଣ୍ଡେ ଅସଜଡ଼ା ଭ୍ରମଣ ବୃତାନ୍ତ ଲେଖି !

ଏମିତି ବି ହୁଏ ।

ଲେଖକ ଯାହା ଲେଖିବାକୁ ଲକ୍ଷ୍ୟ ରଖିଥାନ୍ତି, ତା' ବଦଳରେ ତାଙ୍କୁ ମିଳିଥାଏ ପୃଥକ୍ ପଦାର୍ଥ । କଲମ୍ବସ୍ ଭାରତ ଆବିଷ୍କାରରେ ବାହାରି ଆମେରିକାରେ ପହଂଚିଗଲା ପରି କଥା ଇଏ ।

ଶରତଚନ୍ଦ୍ରଙ୍କ ସଂପର୍କରେ ଶୁଣାକଥାଟିଏ ଭାରି ଲୋକପ୍ରିୟ । କରଜଭାରରୁ କିଛିଟା ନିସ୍ତାର ପାଇବା ପାଇଁ ଟଙ୍କା ଦରକାର ଥିଲା ତାଙ୍କର । ପ୍ରକାଶକ ମହୋଦୟ ତାଙ୍କୁ ପ୍ରତିଶ୍ରୁତି ଦେଲେ, ଲୋଡ଼ୁଥିବା ଟଙ୍କା ତାଙ୍କ ହାତକୁ ଯିବା ପାଇଁ ଅପେକ୍ଷା କରି ରହିଛି – ହେଲେ ତାଙ୍କଠୁ ଗୋଟିଏ ଉପନ୍ୟାସ ପ୍ରକାଶକ ହାତେଇସାରିଲା ପରେ । ଶରତଚନ୍ଦ୍ର ରାଜି ହେଲେ । ସକାଳୁ ସେ ଗୋଟିଏ ବଖରା ଭିତରେ ରହି ପ୍ରକାଶକଙ୍କ ପାଖରୁ କାଗଜ କଲମ, ଖାଦ୍ୟପାନୀୟ ମଗାଇସାରିବା ପରେ ବାହାରୁ ତାଲା ପକାଇଦେବାକୁ କହିଲେ । ତା'ପରେ କହିଲେ : କାଲି ସକାଳୁ ଆସି କବାଟ ଫିଟାଇବ – ନଭେଲ୍‌ଟା ନେଇଯିବ ! ଏହି ବିଚିତ୍ରମନା ଲେଖକଙ୍କୁ ପ୍ରକାଶକ କେମିତି ଟିକିଏ ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁ ପଛେଇ ପଛେଇ ବଖରା ଭିତରୁ ବାହାରିଆସିଲେ । ମନେମନେ ଭାବୁଥିଲେ, ନିଶାପାଣି ଅଭ୍ୟାସଟା ବୋଧହୁଏ ଏଇମାତ୍ର ତାର କାମ ଆରମ୍ଭ କରିଦେଲାଣି – ନ ହେଲେ ରାତାରାତି ନଭେଲ୍ ? କ'ଣ ଲେଖକ ନା ଲେଖାକଳ ? ହଉ, ଥରେ ପରୀକ୍ଷା କରିନେଲେ କ୍ଷତି କ'ଣ ?

ଭୋର୍ ବେଳକୁ କବାଟରେ କରାଘାତ । ସାରାରାତି ଉଜାଗର ଶରତଚନ୍ଦ୍ର ଅନ୍ତିମ ଅନୁଚ୍ଛେଦ ଲେଖିସାରିଥିଲେ କି ନାହିଁ ଆମକୁ ଜଣା ନାହିଁ । କିନ୍ତୁ ସେଇ କରାଘାତ ଶୁଣିବା ମାତ୍ରେ ସେ ପୂର୍ଣ୍ଣଚ୍ଛେଦ ପକାଇଦେଲେ ସେଯାବତ ଲେଖାସରିଥିବା ସବାତଳ ବାକ୍ୟଟି ପରେ । ଆଖିରୁ ଖସିପଡ଼ିଲା ଦି'ଟୋପା ଲୁହ – ଯାହା ଟିକିଏ ଝାପ୍‌ସା କରିଦେଲା ତଥାକଥିତ ଶେଷବାକ୍ୟଟିକୁ – ଆଉ ସେଇ ଲୁହବତୁରା ବାକ୍ୟ ଉପରେ କଲମଟାକୁ ଦାବିଦେଇ ତା' ମୂନଟାକୁ ଭାଙ୍ଗିଦେଲେ ମହାନ୍ ଲେଖକ । ବାସ୍, ସେଇଠି ଉପନ୍ୟାସ ଶେଷ ।

ନାଁ ଥିଲା 'ଦେବଦାସ' । କେବଳ ସେଦିନର ପାଠକ ପିଢ଼ି କାହିଁକି ଆଜିର ଉପନ୍ୟାସପ୍ରିୟ ବିଭିନ୍ନ ଭାଷାର ପାଠକଶ୍ରେଣୀ ପାଖରେ ବି 'ଦେବଦାସ'ର ଅନୁବାଦ ଏକାନ୍ତ ଆଦରଣୀୟ । କେତେଥର କେତେ ଭାଷାରେ ଖାଲି କ'ଣ ଅନୂଦିତ ହୋଇସାରିଛି ଏ ଉପନ୍ୟାସ, ଅତୀତରୁ ଏଯାବତ ତାର ଚଳଚ୍ଚିତ୍ରିତ ଚେହେରା ପିଢ଼ି ପରେ ପିଢ଼ିକୁ ଭିଡ଼ି ଧରିଛି ଏକ ଚୁମ୍ବକୀୟ ଆକର୍ଷଣରେ ! ସେ ଦିନସବୁ ଥିଲା କଥାସାହିତ୍ୟର ଉଜ୍ଜ୍ୱଳ ଫାଲ୍‌ଗୁନ ।

ସେଇଭଳି ମହାନ୍ ଲେଖକ ଏବେ ଆଉ ନାହାନ୍ତି କି ସେ ଧରଣର ସ୍ମରଣୀୟ କଥାକୃତି ସାରସ୍ୱତ ସଂସାରରେ ସୃଷ୍ଟି ହେଉଥିବାର ସୁସମ୍ବାଦ ସେତେବେଶୀ ଶ୍ରୁତିଗୋଚର ହେଉନାହିଁ । ତଥାପି ଭବିଷ୍ୟତର ସାହିତ୍ୟ ନିଜର ମହାନ୍ ଲେଖକଲେଖିକାମାନଙ୍କୁ ଅପେକ୍ଷା କରିବାର ଆନନ୍ଦରେ ଯେ ନିତ୍ୟ ନିମଜ୍ଜମାନ ରହିଥିବ – ଏହା ନିଃସନ୍ଦେହ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩




## ବିଜେପି ନଗର ମଣ୍ଡଳ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




କେନ୍ଦୁଝର:(ପି.ଏନ୍.): ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ନଗର ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପିର ବହୁ ପଦାଧିକାରୀଙ୍କ ସମେତ ନଗର ମଣ୍ଡଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନଗର ମଣ୍ଡଳର ସାଧାରଣ ସଂପାଦକ ନିଶିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେପି ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ,ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା,ପୂର୍ବତନ ଜିଲ୍ଲା ସଭାପତି ଅଶ୍ୱିନୀ ପଟ୍ଟନାୟକ,ପୂର୍ବତନ ଜିଲ୍ଲା ସାଧାରଣ ସଂପାଦକ ରାମଚନ୍ଦ୍ର ସାହୁ,ଜିଲ୍ଲା ବିଜେପି ଉପସଭାପତି ଗୋପିନାଥ ରାମ,ଜିଲ୍ଲା ସଂପାଦକ ଶିବ କୁମାର ରାଠୋର,ପୂର୍ବତନ ବିଜେପି ଉପସଭାପତି ସାବିତ୍ରୀ ବିଶ୍ୱାଳ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ,ମହିଳା ମୋର୍ଚ୍ଚାର ନଗର ସଭାପତି ରତ୍ନମଣୀ ସେଠୀ,ନଗର ଯୁବମୋର୍ଚ୍ଚା ସଭାପତି ପ୍ରିୟବ୍ରତ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟରେ ବିଜେଡି ସରକାରରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି ବୋଲି କହିଥିଲେ। ସରକାରଙ୍କ ପକ୍ଷପାତିତା,ଅପାରଗତା,ସ୍ଥାଣୁତା ତଥା ମହିଳା ବିରୋଧି ମନୋଭାବ ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇ ପଡିଥିବା ଉପସ୍ଥିତ ଅତିଥିମାନେ କହିଥିଲେ। ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ନିଜ ବକ୍ତବ୍ୟରେ ଥିଲାବାଲାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ନଥିଲା ବାଲା ଏବଂ ପଲିଥିନ ତଳେ ରହୁଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ମିଳୁନଥିବା କହିଥିଲେ। ଗତ ୭ ଦିନ ତଳେ ଜିଲ୍ଲାରେ ପ୍ରକାଶ ପାଇଥିବା ତାଲିକାରେ ଅଧିକାଂଶ ଧନୀ ଲୋକଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏହାର ତଦନ୍ତ କରାଯାଇ ପୁନଃ ଯାଞ୍ଚ କରି ଗରିବ,ଅସହାୟ ଏବଂ ପକ୍କା ଘର ନଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଦେବାକୁ ଦାବୀ କରିଥିଲେ। ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ନନେଲେ ଦଳ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ମାଝୀ କହିଥିଲେ। ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କେନ୍ଦୁଝରଗଡ ପୌରପାଳିକାର ଅଧିକାଂଶ ୱାର୍ଡରେ ବର୍ଷା ଦିନରେ ଲୋକ ଜଳବନ୍ଦୀ ହୋଇ ରହୁଥିବା କହିଥିଲେ। ହୋଲଡିଂ ଟ୍ୟାକ୍ସ ବାବଦରେ କୋଟି କୋଟି ଟଙ୍କା ଆଦାୟ କରାଯାଉଥିବାବେଳେ ପୌରପାଳିକାରେ ରାସ୍ତା,ଡ୍ରେନ,ଷ୍ଟ୍ରିଟ ଲାଇଟ ନଥିବାରୁ ଆଗାମୀ ଦିନରେ ଏହି ସମସ୍ୟା ନେଇ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଥିଲେ। ଏହି ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ କରାଯାଇ ଲୋ-ଭୋଲଟେଜ,ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବୀ କରାଯାଇଥିଲା। ସହର ମଧ୍ୟରେ ଥିବା ଜାତୀୟ ରାଜପଥ ୪୯ ରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଖରାପ ହୋଇ ଗମନାଗମନ ଅନୁପଯୋଗୀ ହୋଇପଡିଛି, ଧନଜୀବନ ସୁରକ୍ଷା ପାଇଁ ରାସ୍ତା ଓ ଡ୍ରେନ୍ କରିବା ସହ ଟ୍ରାଫିକ ସମସ୍ୟା ଦୂର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ରଖାଯାଇଥିଲା। ପୌରପାଳିକା ପକ୍ଷରୁ ଅହେତୁକ ହୋଲଡିଂ ଟ୍ୟାକ୍ସ ଓ ୟୁଜର୍ସ ଫି ଲାଗୁ କରାଯାଇଥିବାରୁ ଏହାକୁ ପ୍ରତ୍ୟାହାର କରିବାକୁ ଦାବୀ କରାଯାଇଥିଲା। ସହର ସୌନ୍ଦର୍ଯ୍ୟକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଦର୍ଶାଯାଉଥିବା ବେଳେ ସହରବାସୀ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ଏହାକୁ ଦୃଢ ନିନ୍ଦା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାରଙ୍କ ଗରିବ ହିତାଧିକାରୀଙ୍କ ପାଇଁ ପ୍ରଦାନ କରାଯାଉଥିବା ଆବାସ ଯୋଜନା ବାଟମାରଣା ହୋଇଛି। ସରକାରଙ୍କ କିଛି ଲାଞ୍ଚଖୋର ଅଧିକାରୀ,ବିଜେଡି ନେତା ଓ କର୍ମୀ ଏହି ଆବାସ ଯୋଜନା ଚୟନ କରୁଛନ୍ତି। ଫଳରେ ଗରିବ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଥିବା ଅଭିଯୋଗ କରାଯାଇଥିଲା। ଏହି ସବୁ କାର୍ଯ୍ୟର ପଦକ୍ଷେପ ନିଆ ନଗଲେ ନଗର ବିଜେପି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନଗର ବିଜେପି ସଭାପତି ବିଶ୍ୱଜିତ ତ୍ରିପାଠୀ କହିଥିଲେ। ନଗର ବିଜେପି ଉପସଭାପତି ବବିତା ରାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ବିଜେପି ସଂପାଦକ ପ୍ରିୟଙ୍କା ସିଂ ରାଣା,ମନମୋହିନୀ ଜେନା,ଦୁର୍ଗାଚରଣ ବାରିକ,ନଗର ମଣ୍ଡଳ ସାଧାରଣ ସଂପାଦକ ନିଶିତ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଦାପଳଶାର ମାର୍କଣ୍ଡ ବାରିକ,ଅମରେଶ୍ୱର ବାରିକ,ବଡହଳର ସୁମନ୍ତ କିଶୋର ପରିଡା,ଦେବାଶିଷ କୁମାର ଓ ଅନ୍ୟମାନଙ୍କୁ ବିଜେପି ଦଳରେ ଆନୁଷ୍ଠାନିକ ଭାବରେ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସାମିଲ କରାଯାଇଥିଲା।

## ବନବିଭାଗର ଚଢାଉ, ହଜାରେ ଲିଟର ପୋଚ ନଷ୍ଟ

ଖଣ୍ଡପଡା: ଖଣ୍ଡପଡା ସହରାଚଂଳସ୍ଥିତ ଗୋଲାପୋଖରୀ ନିକଟ ଜଙ୍ଗଲରେ ବିଭିନ୍ନ ସମୟରେ ଚୋରାରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇ ଆସୁଛି । ତେବେ ଏଠାରେ ଦେଶୀମଦ ପ୍ରସ୍ତୁତ ହେଉଥିବା ସଂପର୍କରେ ସୂଚନା ପାଇ ଖଣ୍ଡପଡା ବନାଚଂଳ ଅଧିକାରିଣୀ ସୋନାଲୀ ସିଓଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ବନ ବିଭାଗ କର୍ମଚାରୀମାନେ ଗୋଲାପୋଖରୀ ନିକଟ ଜଙ୍ଗଲରେ ଅଚାନକ ଚଢାଉ କରିଥିଲେ । ଚଢାଉ ସମୟରେ ଦେଶୀମଦ ପ୍ରସ୍ତୁତ ପାଇଁ ରହିଥିବା ପ୍ରାୟ ୧ହଜାର ଲିଟର ପୋଚନଷ୍ଟ କରାଯିବା ସହ ମଦ ରନ୍ଧା ସାମଗ୍ରୀଗୁଡିକୁ ଜବତ କରାଯାଇଥିବା ଜଣାଯାଇଛି । ଏହି ଚଢାଉରେ ଖଣ୍ଡପଡା ବନପାଳ ଶ୍ରୀନିବାସ ଦାଶଙ୍କ ସହ ବନ କର୍ମଚାରୀମାନେ ସାମିଲ ହୋଇଥିଲେ ।

### ନିୟମିତ ହେଲେ ୨୧ଜଣ କନିଷ୍ଠ ଶିକ୍ଷକ

କେନ୍ଦୁଝର:(ପି.ଏନ୍.): ଘଟଗାଁ ବ୍ଲକର ୨୧ଜଣ କନିଷ୍ଠ ଶିକ୍ଷକ ୬ ବର୍ଷ ଚାକିରୀ ପୂରଣ କରି ସାରିବା ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନିୟମିତ ଶିକ୍ଷକର ମାନ୍ୟତା ପାଇଛନ୍ତି । ନିୟମିତ ହୋଇଥିବା ଉକ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନେ ଘଟଗାଁ ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ଆଜି ଘଟଗାଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବି.ଇ.ଓ. କ୍ଷେତ୍ରମୋହନ ହାଁସଦା ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ରେଗୁଲାର ଅର୍ଡର ପ୍ରଦାନ କରିଥିଲେ ।

## ଲିଜଧାରୀଙ୍କଠାରୁ ତାଲିମ ଓ ଉତ୍ପାଦନ କେନ୍ଦ୍ର ଉଚ୍ଛେଦ ହେବା ପରେ ସ୍ଥିତାବସ୍ଥା ଜାରି ପାଇଁ କୋର୍ଟଙ୍କ ନିର୍ଦ୍ଦେଶ




ଖଣ୍ଡପଡା: କଂସା, ପିତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ଉନ୍ନତି ଲକ୍ଷ୍ୟରେ କଣ୍ଟିଲୋରେ ପ୍ରତିଷ୍ଠିତ ତାଲିମ ଓ ଉତ୍ପାଦନ କେନ୍ଦ୍ର(ଟ୍ରେନିଂ କମ୍ ପ୍ରଡକ୍ସନ ସେଂଟର)କୁ କଂଟିଲୋର ଏକ ଅଗ୍ରଣୀ ବେସରକାରୀ ସଂସ୍ଥା ଶିଳ୍ପୀଶ୍ରୀ ଅନୁଷ୍ଠାନକୁ ଲିଜ ସୁତ୍ରେ ପ୍ରଦାନ କରାଯାଇଥିଲା । ତେବେ ଚୁକ୍ତିନାମା ଅନୁସାରେ ୫ବର୍ଷ ଲିଜ ଅବଧି ଶେଷ ହୋଇ ଅଧିକ ୪ବର୍ଷ ଅତିବାହିତ ହୋଇଯାଇଥିବା ବେଳେ ଏଠାରେ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନା କରିବାର ପ୍ରସ୍ତାବ ଥିବାରୁ ଏହି କେନ୍ଦ୍ରକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଖଣ୍ଡପଡା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ, ନୟାଗଡ ଜିଲ୍ଲା ଶିଳ୍ପକେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ବିଶ୍ୱାଳ, ଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଖଣ୍ଡପଡା ଓ କଂଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଓ ପୋଲିସଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇ ଶିଳ୍ପ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ତେବେ ୨୦୧୫ ମସିହାରେ ନୟାଗଡ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଉକ୍ତ 'ଶିଳ୍ପୀଶ୍ରୀ'ସଂସ୍ଥା ଏଠାରେ କେତେକ କୁଶଳୀ କାରିଗରଙ୍କୁ ନେଇ ରାଜ୍ୟ ତଥା ରାଜ୍ୟ ବାହରୁ ବିଭିନ୍ନ ଅନୁଷ୍ଠାନର ବରାଦ ମୁତାବକ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସାର ପାତ୍ର ହୋଇଥିଲା । ଅପରପକ୍ଷରେ ଏହି ଅନୁଷ୍ଠାନ ଦ୍ୱାରା ଅନେକ ଗରିବ କାରିଗର ସେମାନଙ୍କ ପରିବାର ପ୍ରତିପୋଷଣର ରାହା ପାଉଥିଲେ । ମାତ୍ର ଗତ ଏପ୍ରିଲ ମାସ ୨୯ ତାରିଖରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଟିସିପିସି ଗୃହକୁ ଉକ୍ତ ସଂସ୍ଥାଠାରୁ ଉଚ୍ଛେଦ କରାଯାଇଥିଲା । ଜୀବନ ଜୀବିକା ହରାଇବା ଆଶଙ୍କାରେ ଏହାର ପ୍ରତିବାଦରେ ଶିଳ୍ପୀ ଶ୍ରୀ ଅନୁଷ୍ଠାନର ସଭାପତି ସରୋଜ କୁମାର ମହାରଣା ଖଣ୍ଡପଡା ଦେୱାନୀ ଅଦାଲତର, ରାଜ୍ୟ ହାଣ୍ଡଲୁମ ବିଭାଗ ନିର୍ଦ୍ଦେଶକ, ନୟାଗଡ ଜିଲ୍ଲାପାଳ, ନୟାଗଡ ଜିଲ୍ଲାଶିଳ୍ପ ସାଧାରଣ ପରିଚାଳକ ଓ ଖଣ୍ଡପଡା ତହସିଲଦାରଙ୍କୁ ପକ୍ଷଭୁକ୍ତ କର. ଆଶ୍ରୟ ନେଇଥିଲେ । ମାନ୍ୟବର ବରିଷ୍ଠ ଦେୱାନୀ ଅଦାଲତ ଖଣ୍ଡପଡା ଆଇ ଏ ନଂ ୨୨/୨୦୨୧(ସିଭିଲ ସୁଟ ନଂ ୪୭/୨୦୨୧) ସରୋଜ କୁମାର ମହାରଣା ବନାମ ଓଡିଶା ସରକାରଙ୍କ ମୋକଦ୍ଦମା ବିଚାର କରିବା ସହିତ ସମସ୍ତ ଆବଶ୍ୟକୀୟ କାଗଜାତ ପ୍ରମାଣକୁ ଭିତିକରି ଶିଳ୍ପୀ ଶ୍ରୀ କାରିଗରମାନେ କାରିଗରୀ କାମ କରି ପରିବାର ପ୍ରତିପୋଷଣ କରୁଥିବା ତଥା ଗରିବ କାରିଗରଙ୍କ ସ୍ୱାର୍ଥ ଦୃଷ୍ଟିରୁ ସ୍ଥିତାବସ୍ଥା ବଜାୟ ରଖିବାକୁ ଉଭୟ ପକ୍ଷଙ୍କୁ ଗତ ୨୩ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି । ଏହି ମୋକଦ୍ଦମାରେ ବାଦିଙ୍କ ପକ୍ଷରୁ ବରିଷ୍ଠ ଓକିଲ ବିକ୍ରମ ସାହୁ ଲଢୁଥିବା ଜଣାଯାଇଛି ।

## କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ




ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧ୍ୟକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ । ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆ

କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ । ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ । ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ ?ନ ବ୍ୟବସ୍ଥା ପ୍ରଭାବିତ ହେବ । ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ ?ିଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧ୍ୟକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଭେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ ।

## ଡିଏସ୍‌ପି ଏମଏଫଙ୍କ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

## ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ଯସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଵ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ସି.ବି.ଏସ୍.ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା

କେନ୍ଦୁଝର:(ପି.ଏନ୍.):ପ୍ରକାଶିତ ହୋଇଥିବା ଦ୍ୱାଦଶ ଶ୍ରେଣୀ ସି.ବି.ଏସ୍.ଇ. ବୋର୍ଡ ପରୀକ୍ଷାରେ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ସହ ଉତିର୍ନ୍ନ ହୋଇ ବିଦ୍ୟାଳୟ ପାଇଁ ସୁଖ୍ୟାତି ଅର୍ଜନ କରିଛନ୍ତି । ବିଦ୍ୟାଳୟର ଛାତ୍ର ସ୍ୱାଗତ ମିଶ୍ର ୯୬%ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଏବଂ ଭବିଷ୍ୟତରେ ଜଣେ ଆଇଆଇଟି ଇନିୟର ହେବାର ଲକ୍ଷ୍ୟ ରଖିଛନ୍ତି । ସେହିପରି ବିଦ୍ୟାଳୟର ବିଜ୍ଞାନ ବିଭାଗ ଛାତ୍ରୀ କାସଭି କେୟା ଏବଂ ବାଣିଜ୍ୟ ବିଭାଗର ଛାତ୍ର ଶାଶ୍ୱତ ପିରୋଜିୱାଲା ୯୫%ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ମେଧାବୀ ଛାତ୍ରୀ କାସଭି କେୟା ଆଗାମୀ ଭବିଷ୍ୟତରେ ଜଣେ ଡାକ୍ତର ଓ ଛାତ୍ର ଶାଶ୍ୱତ ପିରୋଜିୱାଲା ଆଗାମୀ ଭବିଷ୍ୟତରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି । ଏଥର ବିଦ୍ୟାଳୟର ମୋଟ ୮୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୪ଜଣ ପ୍ରଥମ ଶ୍ରେଣୀରେ ସଫଳତାର ସହ ଉତ୍ତିର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି । ପିଲାମାନଙ୍କର ଅଭୁତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ୍ ତଥା ଜ୍ଞାନୋଦୟ ଏଜୁକେଶନାଲ ଟ୍ରଷ୍ଟର ସଭାପତି ଇଂ ଶ୍ରୀଯୁକ୍ତ ଦେବବ୍ରତ ବେହେରା ଛାତ୍ରଛାତ୍ରୀ ମାନଙ୍କ ସେମାନଙ୍କର ଆଗାମୀ ଭବିଷ୍ୟତର ଉତ୍ତରୋତ୍ତର କାମନା କରିଛନ୍ତି । ବିଦ୍ୟାଳୟର ଟ୍ରଷ୍ଟି ଜ୍ଞାନେନ୍ଦ୍ର କୁମାର ବେଉରା ଏବଂ ଶ୍ରୀମତି ସୁସ୍ମିତା ବେହେରା ଛାତ୍ରଛାତ୍ରୀ ମାନଙ୍କର କୃତିତ୍ୱ ପାଇଁ ଅଶେଷ ଶୁଭକାମନା କରିଛନ୍ତି । ବିଦ୍ୟାଳୟର ଅଧକ୍ଷ ଡଃ. ଦିବ୍ୟକିଶୋର ପ୍ରଧାନ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀବୃନ୍ଦ ଛାତ୍ରଛାତ୍ରୀ ମାନଙ୍କର ଏହି ସଫଳତାରେ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନକୁ ନେଇ ଗାଁରେ ଉତ୍ତେଜନା

କେନ୍ଦୁଝର: ଘଟଗାଁ ବ୍ଲକ ଖୁଣ୍ଟା ଗ୍ରାମରେ ବିଜୟ କୁମାର ପଲେଇ ନାମକ ଜଣେ ବ୍ୟକ୍ତି ସେହି ଗ୍ରାମର ଯୁବକ ଶାନ୍ତନୁ ପଲେଇ, ସୁବ୍ରତ ପଲେଇ, ବିଖୁ ଚକ୍ର ପ୍ରମୁଖଙ୍କ ଘରେ ରାତି ପ୍ରାୟ ୧୧ଟା ବେଳେ ପହଂଚି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା ଧକମ ଦେଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ ବିଜୟ ପଲେଇଙ୍କ ନାମରେ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆସିଛି । କିନ୍ତୁ ତାଙ୍କର ପକ୍କାଘର ସହ ଦୁଇଚକିଆ ଯାନ, ଡିଶ୍ ଟିଭି ଇତ୍ୟାଦି ଥିବା ସହ ଦୋକାନ ଘର ଭଡା ଲଗାଇବା ଫଟୋ ପଂଚାୟତ ଅଫିସରଙ୍କ ପାଖରେ ପହଞ୍ଚି ଥିଲା ।

## ଶିକ୍ଷା ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ବିଜେପି ନେତା ଆଲୋକ ସେଠୀ ଏବଂ କେନ୍ଦୁଝରର ବିଜେପିର ସାଧାରଣ ସମ୍ପାଦକ ଜ୍ଞାନରନ ସାମନ୍ତସିହାଂର



କେନ୍ଦୁଝର:(ପି.ଏନ୍.):କେନ୍ଦୁଝର ଓ ଆନନ୍ଦପୁରରେ ଅନେକ ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ଆନନ୍ଦପୁର ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ ଓ କେନ୍ଦୁଝର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଜ୍ଞାନରନ ସାମନ୍ତସିହାଂର ଆଜି ନୂଆଦିଲ୍ଲୀରେ ଭାରତର ଶିକ୍ଷା ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆନନ୍ଦପୁର ଉପଖଣ୍ଡର ହାଟଡିହି ଏବଂ ଘଟଗାଁ ବ୍ଲକରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କେନ୍ଦୁଝରରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମେତ କେନ୍ଦୁଝରକୁ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟରୁ ମୁକ୍ତ କରି କେନ୍ଦୁଝରରେ ଏକ ସ୍ୱତନ୍ତ୍ର ନୂତନ ବିଶ୍ୱ ବିଦ୍ୟାଳୟ ନିର୍ମାଣ ପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ଦ୍ୱାରା କେନ୍ଦୁଝର ଓ ଆନନ୍ଦପୁର ସମେତ ଆନନ୍ଦପୁର ଉପଖଣ୍ଡର ଅନେକ ଉନ୍ନତି ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି । ଏହି ଅବସରରେ ଶିକ୍ଷା ବିଭାଗ ପରି ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ବିଭାଗର ଦାୟୀତ୍ୱ ମିଳିଥିବାରୁ ଶ୍ରୀ ପ୍ରଧାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ ।

## ବିଧବା ବଧୂଙ୍କୁ ନିର୍ଯାତନା ଅଭିଯୋଗ:ଏସପିଙ୍କୁ ଭେଟିଲେ ପୀଡ଼ିତା

ଗଞ୍ଜାମ: ଶ୍ୱଶୁର ଘର ଲୋକେ ବିଧବା ବଧୂଙ୍କୁ ନର୍ଯାତନା ଦେଉଥିବା ନେଇ ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅନ୍ତର୍ଗତ କୁମାରପଡ଼ା ଗ୍ରାମରୁ । ସୁନିତା ପ୍ରଧାନ ନାମ୍ନୀ ଏହି ବିଧବା ମହିଳା, ତାଙ୍କର ଛୋଟ ଝିଅ ସହ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନିଜ ବାପାଙ୍କୁ ନେଇ ବ୍ରହ୍ମପୁର ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି । ସୁନିତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଶ୍ୱଶୁର ବୃନ୍ଦାବନ ପ୍ରଧାନ, ଦେଢ଼ଶାଶୁ ତନୟା ପ୍ରଧାନ, ଦିଅର ମହେନ୍ଦ୍ର ପ୍ରଧାନ ଓ ଶାଶୁଙ୍କ ଅକଥନୀୟ ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ନେଇ ସେ ଏସପିଙ୍କୁ ଜଣାଇଛନ୍ତି । ଗତ ୨୬ ତାରିଖରେ ଶ୍ୱଶୁର ଘର ଲୋକେ ତାଙ୍କ ପିତା ବମକେଇରୁ ଗ୍ରାମକୁ ଯିବା ରାସ୍ତାରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ସୁନିତା କହିଛନ୍ତି । ବର୍ତ୍ତମାନ ସୁଦ୍ଧା ସୁନିତାଙ୍କ ପିତା ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସେ ଆଜି ଏସପିଙ୍କୁ ଭେଟି ଗୁହାରି କରିଛନ୍ତି ।

## ହୀରାକୁଦକୁ ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ଗେଟ୍ -ୱେ ଭାବେ ବିକଶିତ କରାଯିବ : ଅସିତ୍ ତ୍ରିପାଠୀ

ସମ୍ବଲପୁର: ହୀରାକୁଦକୁ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ଗେଟ୍ -ୱେ (ପ୍ରବେଶ ପଥ) ଭାବେ ବିକଶିତ କରାଯିବ । ହୀରାକୁଦ ଜଳଭଣ୍ଡାରର ନୀଳ ଜଳରାଶିରେ ପର୍ଯ୍ୟଟନ ପାଇଁ ରହିଥିବା ସମସ୍ତ ସମ୍ଭାବନା ଓ ସୁଯୋଗର ସଦୁପଯୋଗ କରାଯିବ ବୋଲି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ କହିଛନ୍ତି । ସମ୍ବଲପୁର ଗସ୍ତରେ ଆସି ଶ୍ରୀ ତ୍ରିପାଠୀ ଆଜି ହୀରାକୁଦ ସ୍ଥିତ ବୋଟିଂ କ୍ଲବ୍, ଦେବ୍ରିଗଡ଼ ଅଭୟାରଣ୍ୟ, ବାଦୁଡ଼ି ଦ୍ୱୀପ, ପଞ୍ଝୁରୀ ମାଛ ଚାଷ (କେଜ୍ କଲଚର), ଝାଙ୍କରାଣୀ ମନ୍ଦିର ଆଦି ସ୍ଥାନରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ ।

## ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ



କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ ୨୦୧୩ ମସିହାରେ ୭୩ ଜଣ ଓ ୨୦୧୪ ମସିହାରେ ୨୭ ଜଣ ଶିକ୍ଷା ସହାୟକ ରୂପେ ନିଯୁକ୍ତି ପାଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସରକାରଙ୍କ ନିୟମାନୁଯାୟୀ ୩ ବର୍ଷ ପରେ କନିଷ୍ଠ ଶିକ୍ଷକ ରୂପେ ମାନ୍ୟତା ପାଇବା ପରେ ଦୀର୍ଘ ୬ ବର୍ଷ କାଳ ନିୟମିତ ଭାବେ କାର୍ଯ୍ୟ କରି ଆସିଥିବା ଏହି ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଆଜି ନିୟମିତ ସରକାରୀ ଶିକ୍ଷକର ମାନ୍ୟତା ପାଇଛନ୍ତି । କେନ୍ଦୁଝର ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୪୦୩/୨୬.୭.୨୦୨୧ ଅନୁଯାୟୀ ଆଜି ଯୋଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ସେମାନଙ୍କର ନିଯୁକ୍ତି ପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଅଭୟ ବେହେରାଙ୍କ ଠାରୁ ଗ୍ରହଣ କରିଥିଲେ । ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟତ୍ରୀ ବସନ୍ତ କୁମାର ପୃଷ୍ଟି,ଅଜିତ କୁମାର ଅଧିକାରୀ,ଅଭିନନ୍ଦନ ମନ୍ତ୍ରୀ,ସୁଧାଂଶୁମାଳା ବକ୍ସି ନିଜ ନିଜର ନିଯୁକ୍ତି ପତ୍ର ଗ୍ରହଣ କରିବା ସହିତ ବିଇଓଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହିତ ଶିକ୍ଷାକ୍ଷେତ୍ରରେ ସରକାରୀ ଶିକ୍ଷକ ରୂପେ ନିଯୁକ୍ତି ପତ୍ର ପାଇ ଆନନ୍ଦିତ ହୋଇଥିଲେ ।

## ଦୂତି ଚାନ୍ଦଙ୍କ ସଫଳତା କାମନା କରି ମା’ ଧନେଇ ସେବା ସଂଘ ପକ୍ଷରୁ ରଘୁନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା

କେନ୍ଦୁଝର:(ପି.ଏନ୍.): ଓଡିଶାର ଝିଅ ତଥା ଗୌରବମୟୀ ଦୂତି ଚାନ୍ଦ ଆଜି ଅଲମ୍ପିକ୍‌ରେ ଖେଳିବାକୁ ଯାଉଥିବା ବେଳେ ଦୂତି ଚାନ୍ଦଙ୍କ ସଫଳତା କାମନା କରି ମା’ଧନେଇ ସେବା ସଂଘ ବାରିଗାଁ ପକ୍ଷରୁ ରଘୁନାଥଙ୍କ ମନ୍ଦିରରେ ଏକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମା’ଧନେଇ ସେବା ସଂଘର ସଭାପତି ବିଷ୍ଣୁ ପ୍ରସାଦ ବାରିକଙ୍କ ସମେତ ସଦସ୍ୟ ସତ୍ୟଜିତ ସାହୁ, ନିହାର ରନ ସାହୁ, ସତ୍ୟପ୍ରକାଶ ସାହୁ, ରୋସନ ସାହୁ, ଆଶୁତୋଷ ପଣ୍ଡା, ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ

କେନ୍ଦୁଝର: ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଆନନ୍ଦପୁର ଅବକାରୀ ବିଭାଗ ଦ୍ୱାରା ଚଢାଉ କରାଯାଇ ବ୍ୟାପକ ପରିମାଣର ମଦ ଓ ମହୁଲପୋଚ ଜବତ କରାଯାଇଛି । ଆନନ୍ଦପୁର ଅବକାରୀ ବିଭାଗର ଆଇ.ଇ. ପ୍ରଫୁଲ କୁମାର ମହାନ୍ତଙ୍କ ସହ ଆନନ୍ଦପୁର ପୋଲିସର ମିଳିତ ସହଯୋଗରେ ଆନନ୍ଦପୁର ଓ ଘଷିପୁରା ଥାନା ଅନ୍ତର୍ଗତ ଗୋଡମରା, ଜଙ୍ଘାର, ଷଡଙ୍ଗୀ, କୋଳିମାଟି ପ୍ରଭୃତି ସ୍ଥାନରେ ଚଢାଉ କରି ବେଆଇନ୍ ମଦ କାରଖାନା ଗୁଡିକରୁ ୧୨୨୦କେ.ଜି. ମହୁଲ ପୋଚ ସହ ୫୦ଲିଟର ମଦ ଜବତ କରି ନଷ୍ଟ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଥିବା ସୁଚନା ମିଳିଛି ।

## ଜିଲ୍ଲାର ୧୧ଟି ପରୀକ୍ଷା କେନ୍ଦ୍ରରେ ଅଫଲାଇନ ମାଟ୍ରିକ ପରୀକ୍ଷା ଆରମ୍ଭ : ୩୭୮ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ୧୧ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ଠାରୁ ଅଫଲାଇନରେ ୩୭୮ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ପରୀକ୍ଷା କେନ୍ଦ୍ରର ତଦାରଖ ପାଇଁ ଦୁଇଟି ସ୍କ୍ୱାଡ ଗଠନ କରାଯାଇଛି । ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାଡ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟ ସ୍କ୍ୱାର୍ଡଟି ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ତଦାରଖ କରୁଛନ୍ତି । ଜିଲ୍ଲାର୧୧ଟି ପରୀକ୍ଷା କେନ୍ଦ୍ରରେ ନିୟମିତ ପରୀକ୍ଷାର୍ଥୀ ୪୦, ଏକ୍ସ ରେଗୁଲାର ୪୨ ଓ ବୋର୍ଡରେ ସିଧାସଳଖ ଫର୍ମପୂରଣ କରି ୧୦୪ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ ହେଉଛନ୍ତି । ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରେ ଆଳିର ଏସ.କେ. ଦେବ ନୋଡାଲ ହାଇସ୍କୁଲ, ପଟ୍ଟାମୁଣ୍ଡାଇର କଷଣଅ□ ପଞ୍ଚାୟତ ହାଇସ୍କୁଲ, ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟ, ରାଜନଗରର ହାତିନା ଲକ୍ଷ୍ମୀବରାହ ନୋଡାଲ ହାଇସ୍କୁଲ, ଫକିରାବାଦର ରାମଚନ୍ଦ୍ର ନୋଡାଲ ହାଇସ୍କୁଲ, କେନ୍ଦ୍ରାପଡା ସରକାରୀ ହାଇସ୍କୁଲ, ଚଢେଇଗୁଆଁ ଯୁଗରୂପା ବିଦ୍ୟାପୀଠ, ମାର୍ଶାଘାଇ ବାଳିକା ହାଇସ୍କୁଲ, କୋରୁଆ ସରକାରୀ ହାଇସ୍କୁଲ ଓ ରାଜନଗରର କେରଡାଗଡର ଜଗନ୍ନାଥ ନୋଡାଲ ହାଇସ୍କୁଲ ଏବଂ ବଡପଲ୍ଲୀ ନୋଡାଲ ହାଇସ୍କୁଲ ରହିଛି । ପ୍ରତିବ୍ଲକରେ ଗୋଟିଏ ଲେଖାଏଁ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ବୋର୍ଡରେ ସିଧାସଳଖ ଫର୍ମପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅଧିକ ହେବାରୁ ସେହି ବ୍ଲକରେ ତିନୋଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଆଳି ଏସ.କେ. ଦେବ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ନିୟମିତ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ୪ଜଣ ଏକ୍ସ ରେଗୁଲାର ଏବଂ ୫ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, କଷଣଅ□ ପଞ୍ଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩ ନିୟମିତ, ୬ଏକ୍ସ ରେଗୁଲାର ଏବଂ ୯ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ରାଜକନିକା ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୬ ନିୟମିତ, ୭ ଏକ୍ସ ରେଗୁଲାର ଏବଂ ୧୩ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ହାତିନାର ଲକ୍ଷ୍ମୀବରାହ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୯ ନିୟମିତ ପରୀକ୍ଷାର୍ଥୀ, ୫ଏକ୍ସ-ରେଗୁଲାର ଏବଂ ୧୪ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ଫକିରାବାଦର ରାମଚନ୍ଦ୍ର ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୯ନିୟମିତ ପରୀକ୍ଷାର୍ଥୀ, ୫ ଏକ୍ସ ରେଗୁଲାର ଏବଂ ୧୩ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪ ନିୟମିତ ପରୀକ୍ଷାର୍ଥୀ, ୧୦ ଏକ୍ସରେଗୁଲାର ଏବଂ ୨୧ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ଚଢେଇ ଗୁଆଁ ଯୁବରୂପା ବିଦ୍ୟାଭନବ ପରୀକ୍ଷା କେନ୍ଦ୍ରରେ ୫ ନିୟମିତ ପରୀକ୍ଷାର୍ଥୀ, ୨ଏକ୍ସ ରେଗୁଲାର ଏବଂ ୭ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮ ନିୟମିତ, ୪ଏକ୍ସ ରେଗୁଲାର ଏବଂ ୧୨ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, କୋରୁଆ ସରକାରୀ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୭ ନିୟମିତ ଏବଂ ୭ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, କେରଡାଗଡ ଶ୍ରୀ ଜଗନ୍ନାଥ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ କେବଳ ୪୦ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ ଏବଂ ବଡପଲ୍ଲୀ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୪୦ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସଂହିଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜଗନ୍ନାଥ ସାମନ୍ତରାୟ ଗଡସାନପୁଟ ହାଇସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ନେଇ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ଯୋଡା ବ୍ଲକ୍ ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ



ଯୋଡା: କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ ୨୦୧୩ ମସିହାରେ ୭୩ ଜଣ ଓ ୨୦୧୪ ମସିହାରେ ୨୭ ଜଣ ଶିକ୍ଷା ସହାୟକ ରୂପେ ନିଯୁକ୍ତି ପାଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସରକାରଙ୍କ ନିୟମାନୁଯାୟୀ ୩ ବର୍ଷ ପରେ କନିଷ୍ଠ ଶିକ୍ଷକ ରୂପେ ମାନ୍ୟତା ପାଇବା ପରେ ଦୀର୍ଘ ୬ ବର୍ଷ କାଳ ନିୟମିତ ଭାବେ କାର୍ଯ୍ୟ କରି ଆସିଥିବା ଏହି ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଆଜି ନିୟମିତ ସରକାରୀ ଶିକ୍ଷକର ମାନ୍ୟତା ପାଇଛନ୍ତି । କେନ୍ଦୁଝର ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୪୦୩/୨୬.୭.୨୦୨୧ ଅନୁଯାୟୀ ଆଜି ଯୋଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ସେମାନଙ୍କର ନିଯୁକ୍ତି ପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଅଭୟ ବେହେରାଙ୍କ ଠାରୁ ଗ୍ରହଣ କରିଥିଲେ । ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟତ୍ରୀ ବସନ୍ତ କୁମାର ପୃଷ୍ଟି,ଅଜିତ କୁମାର ଅଧିକାରୀ,ଅଭିନନ୍ଦନ ମନ୍ତ୍ରୀ,ସୁଧାଂଶୁମାଳା ବକ୍ସି ନିଜ ନିଜର ନିଯୁକ୍ତି ପତ୍ର ଗ୍ରହଣ କରିବା ସହିତ ବିଇଓଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହିତ ଶିକ୍ଷାକ୍ଷେତ୍ରରେ ସରକାରୀ ଶିକ୍ଷକ ରୂପେ ନିଯୁକ୍ତି ପତ୍ର ପାଇ ଆନନ୍ଦିତ ହୋଇଥିଲେ ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Saturday July 31, 2021 ଭୁବନେଶ୍ୱର ଶନିବାର, ଜୁଲାଇ ୩୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କୁ ଭେଟିଲେ

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଆଜି ପୂର୍ବାହ୍ନରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ଶ୍ରୀଯୁକ୍ତ ଭୋପେନ୍ଦ୍ର ଯାଜବଙ୍କୁ ଶ୍ରମ ଶକ୍ତି ଭବନ ଠାରେ ଭେଟି ଜଙ୍ଗଲ ନିର୍ମାଣ ଶ୍ରମିକ ଅସଂଗଠିତ ଓ ପ୍ରବାସୀ ଶ୍ରମିକ ଏବଂ ଓଡ଼ିଶା ରାଜ୍ୟର ବିଭିନ୍ନ ଶ୍ରମିକ ସମସ୍ୟା ସଂପର୍କରେ ସ୍ମାରକ ପତ୍ର ଦେଇ ଆଲୋଚନା କରିଛନ୍ତି। ନିର୍ମାଣ ଶ୍ରମିକଙ୍କ ପାଇଁ ଇ.ଏସ୍.ଆଇ ଓ ପ୍ରୋଭିଡ଼େଂଟ ଫଣ୍ଡ ଲାଗୁ କରିବା। ସମସ୍ତ ରେଜିଷ୍ଟ୍ରୀଭୁକ୍ତ ନିର୍ମାଣ ଶ୍ରମିକ ମାନଙ୍କୁ କୋଭିଡ୍-୧୯ ରେ ଆର୍ଥିକ ସହାୟତା ଦେବା। ଅନ୍ତ ରାଜ୍ୟ, ପ୍ରବାସୀ ଶ୍ରମିକ ଓ ଆନ୍ତର୍ଜାତିକ ଶ୍ରମିକଙ୍କ ପାଇଁ ଥିବା ଆଇନକୁ ସଂଶୋଧନ କରିବା, ପ୍ରବାସୀ ଶ୍ରମିକଙ୍କୁ ଭୋଟ ଦେବାର ଅଧିକାର ଦେବା ଓ ଶ୍ରମିକ ପଳାୟନକୁ ରୋକିବା ପାଇଁ ଜାତୀୟ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କୁ ସମସ୍ତଙ୍କୁ ତୁରନ୍ତ ରେଜିଷ୍ଟ୍ରୀଭୁକ୍ତ କରିବା ଏବଂ ଦୁର୍ଘଟଣାରେ କୋଭିଡ୍-୧୯ ରେ ମରୁଥିବା ଶ୍ରମିକ ପରିବାରକୁ ସହାୟତା ଦେବା ପାଇଁ ଦାବୀ କରାଯାଇଛି। ଓଡ଼ିଶାର ଏନ୍.ଟି.ପି.ସି. ତାଲଚେର ଥର୍ମାଲର ଲକ୍‌ଆଉଟ୍ ନିଷ୍ପତିକୁ ପୁନଃ ବିଚାର କରିବା, ସମସ୍ତଙ୍କୁ ଛଟେଇ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା, ନିଳାଚଳ ଇସ୍ପାତ ନିଗମ କାରଖାନାର ରେଗୁଲାର ସ୍ଥାୟୀ ଓ ଠିକା ଶ୍ରମିକ ମାନଙ୍କର ୧୧ ମାସର ବକେୟା ଦରମା ଓ ବିଶ୍ରା ଲାଇମ୍ ଷ୍ଟୋନ୍ କଂପାନୀ ୨୧ ମାସର ବକେୟା ଦରମା ଦେବା ଓ କେନ୍ଦୁଝର ଅଂଚଳର ଓ.ଏମ୍.ଡ଼ି.ସି. ଅଧିନରେ ଥିବା ସମସ୍ତ ଖଣିଗୁଡ଼ିକୁ ଚାଲୁ କରିବା ପାଇଁ ଡକ୍ଟର ଖୁଂଟିଆ ଶ୍ରମ ମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି। ତାଙ୍କ ସହିତ ଏହି ଆଲୋଚନାରେ ନିର୍ମାଣ ଶ୍ରମିକ କର୍ମଚାରୀ ମହାସଂଘର ଡକ୍ଟର ରାଜୀବ ଶର୍ମା ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ଜିଲ୍ଲାରେ ୟୁରିଆ ସାରର ଘୋର ଅଭାବ

କେନ୍ଦ୍ରାପଡ଼ା :କେନ୍ଦ୍ରାପଡା ଜିଲ୍ଲାରେ ୟୁରିଆ ସାରର ଘୋର ଅଭାବ ପରିଲକ୍ଷିତ ହୋଇଛି । କେନ୍ଦ୍ରାପଡା ଜିଲ୍ଲାରେ ୩୦ ହଜାର ମେଟ୍ରିକଟନ ୟୁରିଆ ସାରର ଆବଶ୍ୟକ ଥିବା ବେଳେ ଗତ ମଇ ଓ ଜୁନ ମାସରେ ଜିଲ୍ଲାକୁ ବସ୍ତାଟିଏବି ୟୁରିଆ ସାର ଆସିନଥିଲା। ଚଳିତ ଜୁଲାଇମାସରେ ମାତ୍ର ୨ଶହ ମେଟ୍ରିକଟନ ୟୁରିଆ ସାର ଜିଲ୍ଲାକୁ ଆସିଥିବା ସୂଚନା ମିଳିଛି। ଜିଲ୍ଲାରେ ୟୁରିଆ ସାରର ଅଭାବ ଯୋଗୁଁ ପ୍ରାୟ ସ୍ଥାନରେ ୟୁରିଆ ସାରର କଳାବଜାରୀ ଆରମ୍ଭ ହୋଇଯାଇଛି। ଏକବସ୍ତା ୟୁରିଆ ସାରର ଦାମ ୩ଶହ ଟଙ୍କା ହୋଇଥିବା ବେଳେ ତାହା ୬ଶହ ଟଙ୍କାରେ ବିକ୍ରୀ ହେଉଛି । ୟୁରିଆ ସାରକୁ ଅଧିକୃତ ଦୋକାନୀ ଓ ସମବାୟ ସମିତି ଗୁଡିକ ଟ୍ୟାଗ କରିଦେଇଛନ୍ତି । ଜଣେ ଚାଷୀ ଏକବସ୍ତା ଡିଏପି ସାର ନେଲେ ତାଙ୍କୁ ବସ୍ତାଏ ୟୁରିଆ ସାର ମିଳିବ । ଏକବସ୍ତା ଡିଏପି ସାରର ଦାମ ୧୫ଶହ ଟଙ୍କା ରହିଛି । ୩ଶହ ଟଙ୍କାର ଏକବସ୍ତା ୟୁରିଆ ସାର କିଣିବା ପାଇଁ ଚାଷୀଟିଏ ବାଧ୍ୟ ହୋଇ ୧୫ଶହ ଟଙ୍କା ଦେଇ ଡିଏପି ସାର ବସ୍ତାଏ କିଣିଲେ ଯାଇ ତାକୁ ୟୁରିଆ ସାର ବସ୍ତାଏ ମିଳିପାରିବ । ୟୁରିଆ ସାର ମିଳୁନଥିବା ଯୋଗୁଁ ଇଫକୋ ୩ଶହ ଟଙ୍କା ମୂଲ୍ୟର ଏକଶହ ମିଲିଲିଟର ଏକ ନାନୋ ୟୁରିଆ ଲିକୁଇଡ ବଜାରକୁ ଛାଡିଛି। ଏହି ଲିକୁଇଡକୁ ଚାଷଜମିରେ ପ୍ରୟୋଗ କରିବା ପାଇଁ ୬ଡ୍ରମ ପାଣିରେ ଲିକୁଇଡକୁ ମିଶାଯାଇ ଚାଷଜମିରେ ପକାଯିବ । ଏଥିନିମନ୍ତେ ଦୁଇଟି ମୂଲିଆ ଓ ଗୋଟିଏ ସ୍ପ୍ରେୟାର ମେସିନର ଆବଶ୍ୟକତା ରହିଛି । ତେଣୁ ଏଭଳି ପରିସ୍ଥିତିରେ ଜିଲ୍ଲାରେ ଚାଷୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ୟୁରିୟା ସାର ଯୋଗାଇଦେବାକୁ ଚାଷୀମାନଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ବିଧୁଭୂଷଣ ମହାପାତ୍ର, ନିରଞ୍ଜନ ପରିଡା, ପୂର୍ଣ୍ଣଚନ୍ଦ୍ର ଭଦ୍ର ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ପ୍ରସାଦ ମଲ୍ଲିକଙ୍କ ମତାମତ ଲୋଡ଼ିବାରେ ସେ କହିଥିଲେ ଯେ ଜିଲ୍ଲାରେ ୟୁରିଆ ସାରର ଆଉ ଆବଶ୍ୟକତା ନାହିଁ । ଗୋଟିଏ ପଟେ ଚାଷିମାନେ ୟୁରିଆ ସାରର ଘୋର ଅଭାବ ରହିଥିବା ଓ ଚାଷୀମାନେ ଏହି ସାର ନପାଇ ବହୁ ସମସ୍ୟାର ସମ୍ମୁଖିନ ହେଉଥିବା ସମ୍ପର୍କରେ ଅଭିଯୋଗ କରୁଥିବା ବେଳେ ଅନ୍ୟ ପକ୍ଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ମଲ୍ଲିକଙ୍କ ଏଭଳି ମତାମତ ଆଶ୍ଚର୍ଯ୍ୟ ଚକିତ କରିଛି ।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କୁ ଭେଟିଲେ

ଭୁବନେଶ୍ୱର: ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଆଜି ପୂର୍ବାହ୍ନରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ଶ୍ରୀଯୁକ୍ତ ଭୋପେନ୍ଦ୍ର ଯାଜବଙ୍କୁ ଶ୍ରମ ଶକ୍ତି ଭବନ ଠାରେ ଭେଟି ଜଙ୍ଗଲ ନିର୍ମାଣ ଶ୍ରମିକ ଅସଂଗଠିତ ଓ ପ୍ରବାସୀ ଶ୍ରମିକ ଏବଂ ଓଡ଼ିଶା ରାଜ୍ୟର ବିଭିନ୍ନ ଶ୍ରମିକ ସମସ୍ୟା ସଂପର୍କରେ ସ୍ମାରକ ପତ୍ର ଦେଇ ଆଲୋଚନା କରିଛନ୍ତି। ନିର୍ମାଣ ଶ୍ରମିକଙ୍କ ପାଇଁ ଇ.ଏସ୍.ଆଇ ଓ ପ୍ରୋଭିଡ଼େଂଟ ଫଣ୍ଡ ଲାଗୁ କରିବା। ସମସ୍ତ ରେଜିଷ୍ଟ୍ରୀଭୁକ୍ତ ନିର୍ମାଣ ଶ୍ରମିକ ମାନଙ୍କୁ କୋଭିଡ୍-୧୯ ରେ ଆର୍ଥିକ ସହାୟତା ଦେବା। ଅନ୍ତ ରାଜ୍ୟ, ପ୍ରବାସୀ ଶ୍ରମିକ ଓ ଆନ୍ତର୍ଜାତିକ ଶ୍ରମିକଙ୍କ ପାଇଁ ଥିବା ଆଇନକୁ ସଂଶୋଧନ କରିବା, ପ୍ରବାସୀ ଶ୍ରମିକଙ୍କୁ ଭୋଟ ଦେବାର ଅଧିକାର ଦେବା ଓ ଶ୍ରମିକ ପଳାୟନକୁ ରୋକିବା ପାଇଁ ଜାତୀୟ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା।ଓଡ଼ିଶାର ଏନ୍.ଟି.ପି.ସି. ତାଲଚେର ଥର୍ମାଲର ଲକ୍‌ଆଉଟ୍ ନିଷ୍ପତିକୁ ପୁନଃ ବିଚାର କରିବା, ସମସ୍ତଙ୍କୁ ଛଟେଇ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା, ନିଳାଚଳ ଇସ୍ପାତ ନିଗମ କାରଖାନାର ରେଗୁଲାର ସ୍ଥାୟୀ ଓ ଠିକା ଶ୍ରମିକ ମାନଙ୍କର ୧୧ ମାସର ବକେୟା ଦରମା ଓ ବିଶ୍ରା ଲାଇମ୍ ଷ୍ଟୋନ୍ କଂପାନୀ ୨୧ ମାସର ବକେୟା ଦରମା ଦେବା ଓ କେନ୍ଦୁଝର ଅଂଚଳର ଓ.ଏମ୍.ଡ଼ି.ସି. ଅଧିନରେ ଥିବା ସମସ୍ତ ଖଣିଗୁଡ଼ିକୁ ଚାଲୁ କରିବା ପାଇଁ ଡକ୍ଟର ଖୁଂଟିଆ ଶ୍ରମ ମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି।

## ଉବର୍ ପକ୍ଷରୁ ଏକ ଲକ୍ଷ ରୁ ଅଧିକ ଡ୍ରାଇଭରଙ୍କୁ ଟିକାକରଣ



ଭୁବନେଶ୍ୱର : ଉବର୍ ପକ୍ଷରୁ ଆଜି ଘୋଷଣା କରାଯାଇଛି ଯେ, ଏହାର ପ୍ଲାଟ୍‌ଫର୍ମରେ ଥିବା ଏକ ଲକ୍ଷରୁ ଅଧିକ ଡ୍ରାଇଭର୍ ସର୍ବନିମ୍ନ ଗୋଟିଏ କୋଭିଡ୍ ଟିକା ନେଇ ସାରିଛନ୍ତି। ଏହା ଚଳିତ ବର୍ଷ ଶେଷ ସୁଦ୍ଧା ଏହାର ପ୍ଲାଟ୍‌ଫର୍ମରେ ଥିବା ୧୫୦,୦୦୦ ଡ୍ରାଇଭର୍‌ଙ୍କ ଟିକାକରଣ କରାଇବା ନେଇ କମ୍ପାନୀର ୧୮.୫ କୋଟି ଟଙ୍କାର ଅଭିଯାନର ଏକ ଅଂଶ ଅଟେ । ଗତମାସରେ ଏହାର ପ୍ରଥମ ସଫଳତାର ଘୋଷଣା ପରେ ଉବର ଡ୍ରାଇଭର ଟିକାକରଣ ଉପରେ ଦ୍ରୁତ ଅଗ୍ରଗତି କରିଛି । ଥରେ ଏହି ପ୍ରକ୍ରିୟା ସମାପ୍ତ ହୋଇଯିବା ପରେ ଡ୍ରାଇଭରମାନେ ଟିକାକରଣ ପାଇଁ ସମୟ ଦେଇ ଦୁଇଟି ସଟର ପ୍ରତି ସଟ ପିଛା ୪୦୦ଟଙ୍କା ଗ୍ରହଣ କରନ୍ତି। ମହାମାରୀକୁ ରୋକିବା କ୍ଷେତ୍ରରେ ଭାରତ ସରକାରଙ୍କୁ ଉବର୍‌ର ସହଯୋଗକୁ ପ୍ରଶଂସା କରାଯାଇଛି। କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନିତିନ୍ ଗଡକରୀ କହିଛନ୍ତି, ମୁଁ ଏହା ଜାଣି ଖୁସି ଯେ, ଉବର୍ ଇଣ୍ଡିଆ ନିଜର ପ୍ଲାଟ୍‌ଫର୍ମରେ ଡ୍ରାଇଭର୍‌ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗରେ ଏକାଧିକ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛି। ବାସ୍ତବରେ ମୁଁ ଡ୍ରାଇଭରମାନଙ୍କ ଲାଗି ଦୁଇଟି ଟିକା ଡୋଜ୍ ପାଇଁ କରାଯାଇଥିବା ନଗଦ ପ୍ରୋତ୍ସାହନ ପଦକ୍ଷେପକୁ ପ୍ରଶଂସା କରୁଛି। ମୁଁ ପରିବହନ କ୍ଷେତ୍ରର କର୍ମଚାରୀମାନଙ୍କ ମଙ୍ଗଳ ପାଇଁ ଉବର୍ ଇଣ୍ଡିଆର କ୍ରମାଗତ ପ୍ରତିବଦ୍ଧତାକୁ ପ୍ରଶଂସା କରୁଛି ଏବଂ ସେମାନଙ୍କୁ ନିଜର ଭବିଷ୍ୟତର ସମସ୍ତ ଉଦ୍ୟମଗୁଡିକ ପାଇଁ ଶୁଭେଚ୍ଛା ଜଣାଉଛି।'ଏହି ସଫଳତା ଉପରେ ଉବର୍ ଇଣ୍ଡିଆ ସାଉଥ୍ ଏସିଆ ଅଧକ୍ଷ ପ୍ରଭ୍‌ଜିତ ସିଂହ କହିଛନ୍ତି, 'କୋଭିଡ-୧୯ର ସଂକ୍ରମଣକୁ ରୋକିବା ପାଇଁ ଟିକାକରଣର ହୋଇଥିବା ଡ୍ରାଇଭର ଆମ ପ୍ଲାଟଫର୍ମରେ ସୁରକ୍ଷାକୁ ବୃଦ୍ଧି କରିବେ ଏବଂ ରାଇଡରଙ୍କ ମନୋବଳକୁ ବଢ଼ାଇବେ। ଆମେ ଉଭୟ ରାଇଡର ଓ ଡ୍ରାଇଭରଙ୍କ ଟିକାକରଣ ଚଳାଇବା ଲାଗି ପାଇଁ ପ୍ରତିବଦ୍ଧ ଅଟୁ। ଉବର୍ ଭାରତର ୧୨ଟି ସହର ଯେପରିକି ବେଙ୍ଗାଲୁରୁ, କୋଲ୍‌କାତା, ଚେନ୍ନାଇ, ହାଇଦ୍ରାବାଦ, ଲକ୍ଷ୍ନୌ, କାନପୁର, ଆଗ୍ରା, ବରେଲି, ଗୋରଖପୁର, ଜୟପୁର, ଭୋପାଳ ଓ ଭୁବନେଶ୍ୱର ଆଦିରେ ଡ୍ରାଇଭର୍‌ମାନଙ୍କ ପାଇଁ ମାଗଣା ଟିକାକରଣ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରମାନଙ୍କୁ ସହାୟତା କରୁଛି। ଉବର୍ ବିଭିନ୍ନ ଅଭିଯାନ ମାଧମରେ ମହାମାରୀ ସମୟରେ ଡ୍ରାଇଭରମାନଙ୍କୁ ସହଯୋଗ କରୁଛି ଯେଉଁଥିରେ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ଡ୍ରାଇଭର୍‌ମାନଙ୍କ ପାଇଁ ୧୪ ଦିନର ଆଂଶିକ ରୋଜଗାର ଅନ୍ତର୍ଭୁକ୍ତ। ଉବର ମୃତକଙ୍କ ପରିବାର ସଦସ୍ୟଙ୍କୁ ଜରୁରୀକାଳୀନ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବା ଲାଗି ୭୫,୦୦୦ ଟଙ୍କାର ଏକ ୱାନ୍-ଟାଇମ୍ ସହାୟତା ପ୍ୟାକେଜ୍ ପ୍ରଦାନ କରିବ।

## ଦାବି ପୂରଣ ନହେଲେ ନଗର ଚିକିତ୍ସାଳୟ କର୍ମଚାରୀ ଆନ୍ଦୋଳନ କରିବେ



ବ୍ରହ୍ମପୁର ବ୍ରହ୍ମପୁର ସହରର ନଗର ଚିକିତ୍ସାଳୟ ଏକ ପୁରାତନ ଚିକିତ୍ସାଳୟ । ଏହି ଚିକିତ୍ସାଳୟ ଉପରେ ସହର ତଥା ସହର ବାହାରୁ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ଆବଶ୍ୟକୀୟ ଭିତ୍ତିଭୂମି ନଥିବା ଯୋଗୁଁ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ନଗର ଚିକିତ୍ସାଳୟରେ ବେଡ୍ ଅନୁସାରେ ୱାର୍ଡ ଆଟେଣ୍ଡାଣ୍ଟ ନିଯୁକ୍ତି ପାଇଁ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ନଗର ଚିକିତ୍ସାଳୟ ଶାଖାର ଏକ ଜରୁରୀ ବୈଠକ ସଂଗଠନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବରୁ ନଗର ଚିକିତ୍ସାଳୟ କ୍ୟାମ୍ପସ ଭିତରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୧୭ଟି କ୍ୱାଟର ଥିଲା। ସୌନ୍ଦର୍ଯ୍ୟକରଣ ନାଁରେ ଏସବୁ କ୍ୱାଟରକୁ ଭାଙ୍ଗି ଦିଆଗଲା। ଫଳରେ ସ୍ୱଳ୍ପ ବେତନ ପାଉଥିବା କର୍ମଚାରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ କର୍ମଚାରୀଙ୍କ ପାଇଁ କ୍ୱାଟର ନିର୍ମାଣ କରାଯାଉ। ବରିଷ୍ଠତା ଭିତ୍ତିରେ କର୍ମଚାରୀମାନଙ୍କୁ ଗ୍ରେଡେସନ ଲିଷ୍ଟ ପ୍ରସ୍ତୁତ କରାଯାଇ ଯୋଗ୍ୟତା ଥିବା କର୍ମଚାରୀଙ୍କୁ ପଦୋନ୍ନତି ଦେଇ ୩ୟ ଶ୍ରେଣୀର ମାନ୍ୟତା ପ୍ରଦାନ କରାଯାଉ, ଜାତୀୟ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ କର୍ମଚାରୀଙ୍କୁ ଦିନକର ଦରମା ଦେବା ପାଇଁ ବହୁ ଦିନରୁ ବିଧି ରହିଛି। ଗତବର୍ଷର ଦରମା ଅଦ୍ୟାବଧି କର୍ମଚାରୀଙ୍କୁ ଦିଆଯାଇନାହିଁ। ତେଣୁ ତୁରନ୍ତ ଏହି ଦରମା ପ୍ରଦାନ କରାଯାଉ। ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଗଞ୍ଜାମ ଜିଲ୍ଲା ମେଡ଼ିକାଲ କର୍ମଚାରୀ ସଂଘର ସଂପାଦକ ଜି.ନରସିଂହ ରାଓ, ରାଜ୍ୟ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ସଂଘର କୋଷାଧ୍ୟକ୍ଷ ଟୁନା ଜେନା, କାର୍ଯ୍ୟକାରୀ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ଯୁଗ୍ମ ସମ୍ପାଦକ ବିପିନ ବିହାରୀ ନାୟକ, ଏଲ. ରବିନ୍ଦ୍ର ଦାସ, ବାଳକୃଷ୍ଣ ନାୟକ, ନରସିଂହ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜାତୀୟ ରାଜପଥ ରାସ୍ତା ନଷ୍ଟ କରୁଛି ଓଭର ଲୋଡ ଗାଡି :ପ୍ରଶାସନ ଚୁପ



ଚଣ୍ଡିଖୋଲ :ଧାର୍ଯ୍ୟ ଓଜନ ଠାରୁ ଅଧିକ ଓଜନ ର ମାଲ ପରିବହନ କରୁଥିବା ଭାରୀଯାନ ଦ୍ୱାରା ଏବେ ୫୩ନ ଜାତୀୟ ରାଜପଥ ନଷ୍ଟ ହେବାକୁ ବସିଲାଣି ଫଳରେ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ମାନ ଘଟୁଥିବା ଦେଖାଯାଇଛି .୫୩ନ ଜାତୀୟ ରାଜପଥ ଦୈତାରୀ ରୁ ପାରାଦୀପ ପର୍ଯ୍ୟନ୍ତ ଲମ୍ବିଛି ,ପ୍ରତିଦିନ ଏହି ଜାତୀୟ ରାଜପଥ ଦେଇ ଶତାଧିକ ଖଣିଜ ପଥର ବୋଝେଇ ଭାରୀଯାନ ପାରାଦୀପ ବନ୍ଦର କୁ ଯାଇଥାନ୍ତି .ଭାରୀଯାନ ଗୁଡିକ ନିଜର ଧାର୍ଯ୍ୟ ଓଜନ ଖଣିଜ ପଦାର୍ଥ ନେବା ବଦଳରେ ଭଡା ଅଧିକ ପାଇବା ଲୋଭରେ ୨ ରୁ ୩ ଗୁଣ ଅଧିକ ଓଜନର ଖଣିଜ ପଦାର୍ଥ ପରିବହନ କରୁଛନ୍ତି ଫଳରେ ରାଜପଥ ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହେଉଛି .ଏହି ଖାଲଖମାର ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି .ଚଣ୍ଡିଖୋଲ ରୁ ଡୁବୁରୀ ଯାଇଥିବା ଏହି ରାସ୍ତାର ଆରୁହା ପର୍ଯ୍ୟନ୍ତ ବଡ଼ବଡ଼ ଖାଲ ସୃଷ୍ଟି ହେବ ଫଳରେ ସାଧାରଣ ଯାତ୍ରୀ ମାନେ ଯାତାୟାତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ,ସେହିପରି ୧୬ ନ ଜାତୀୟ ରାଜପଥ ର ଚଣ୍ଡିଖୋଲ ଛକର ଟ୍ରାଫିକ ପଏଣ୍ଟ ନିକଟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହେବା ଫଳରେ ସେଠି ମଧ୍ୟ ଦୁର୍ଘଟଣା ଘଟୁଛି ଓ ଭବିଷ୍ୟତରେ ବଡ ଦୁର୍ଘଟଣା ହେବାର ସମ୍ଭାବନା ରହିଅଛି ,ପ୍ରତିବର୍ଷ ଏହି ସ୍ଥାନରେ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ମରାମତି ହେଉଥିଲେ ସୁଦ୍ଧା କେବଳ ଅଧିକ ଓଜନ ନେଇ ଯାଉଥିବା ଭାରୀଯାନ ଦ୍ୱରା ଏହି ଗର୍ତ୍ତ ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଅଛି .ଉଭୟ ୫୩ ନ ଓ ୧୬ ନ ଜାତୀୟ ରାଜପଥରେ ପ୍ରତିଦିନ ଏହିପରି ଶତାଧିକ ଭାରୀଯାନ ସବୁ ଯାତାୟାତ କରୁଥିବା ବେଳେ ନିକଟରେ ଥିବା ଆଞ୍ଚଳିକ ପରିବହନ ,ଚଣ୍ଡିଖୋଲ ଟ୍ରାଫିକ ଓ ଚଣ୍ଡିଖୋଲ ଓଉଟପୋଷ୍ଟ ର କୌଣସି ଅଧିକାରୀଙ୍କ ନଜରକୁ ଏହା ସବୁ ଆସିନଥାଏ .ପ୍ରତିଦିନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ମାନେ ଜାତୀୟ ରାଜପଥ ରେ ତନକି କରୁଥିବା ବେଳେ କେବଳ ରାଜ୍ୟ ବାହାର ର ଗାଡି ଗୁଡିକ ଛଡା ଅଧିକ ଓଜନ ନେଇ ଯାଉଥିବା ଭାରୀଯାନ ଉପରେ ଅଧିକାରୀଙ୍କ ନଜର ପଡ଼ିନଥାଏ କାରଣ ପୂର୍ବରୁ ମାଲିକମାନେ ଅଧିକାରୀମାନଙ୍କ ସହ ମାସିକିଆ ନେଣଦେଣ ର ବ୍ୟବସ୍ଥା କରିଦେଇଥାନ୍ତି .କେବଳ ନାମକୁ ମାତ୍ର ମାସେ ଦୁଇ ମାସରେ ଥରେ ଗୋଟିଏ ଦୁଇଟି ଗାଡିକୁ ଧରି ଜୋରିମାନା ଆଦାୟ କରି ବାହାବା ନେଇଥାନ୍ତି .ସେହିପରି ଜିଲ୍ଲା ର ଏକମାତ୍ର ଟ୍ରାଫିକ ଥାନା ଚଣ୍ଡିଖୋଲ ରେ ରହିଅଛି ଓ ଏହି ଥାନା ଦେଇ ଶତାଧିକ ଭାରୀଯାନ ଚଳପ୍ରଚଳ କରୁଥିଲା ବେଳେ କେବଳ ହେଲମେଟ ଚେକିଂ କରି ଅଧିକାରୀମାନେ ନିଜର କାମକୁ ସାରିଦେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି .ନୂତନ କରି ଥାନା ରେ ଯୋଗଦେଇଥିବା ଥାନାଧିକାରୀ ଏହା ଉପରେ ନଜର ଦେବେ ବୋଲି କହିଛନ୍ତି .ଗୋଟିଏ ପଟେ ଅଧିକ ଓଜନ ନେଇ ଯାଉଥିବା ଭାରୀଯାନ ଦ୍ୱାରା ରାଜପଥ ରାସ୍ତା ନଷ୍ଟ ହେବା ସହିତ ସରକାରଙ୍କ ମଧ୍ୟ ରାଜସ୍ୱ ହାନି ଘଟୁଛି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଉଥିବାବେଳେ ତିନିତିନି ବିଭଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଅଛି । ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପଚାରିବାରୁ ଆମେ ତଦାରଖ କରୁଛି ବୋଲି କହିଥିଲେ ମାତ୍ର ବାସ୍ତବ କ୍ଷେତ୍ରରେ ଏହା ହେଉନଥିବା ଦେଖାଯାଇଛି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray